ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.204 Bhubaneswar Thursday September 22 2022 | ୨୫ତମ ବର୍ଷ ସଂଖ୍ୟା-୨୦୪ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୨, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଏକାମ୍ର ସୌନ୍ଦର୍ଯ୍ୟକରଣକୁ ଅନୁମତି, ତଥାପି ରଖିଲେ କେଁ



ଭୁବନେଶ୍ୱର,୨୧।୯(ପି.ଏନ): ଜଗନ୍ନାଥ ମନ୍ଦିର ଐତିହ୍ୟ କରିଡ଼ର ପ୍ରକଳ୍ପ ସହ ଏକାମ୍ର ସଂରକ୍ଷଣ ଯୋଜନାକୁ ମଧ୍ୟ ମିଳିଛି ନ୍ୟାସନାଲ୍ ମନୁମେଣ୍ଟସ୍ ? ଅଥରିଟି(ଏନଏମଏ)ର ଗ୍ରୀନ୍ ସିଗନାଲ୍। ଏକାମ୍ର ଯୋଜନାରେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା କୋଟିତୀର୍ଥେଶ୍ୱର ଲେନ୍, ତିନିମୁଣ୍ଡିଆ ଛକଠାରୁ ବଡେଇବାଙ୍କ ଛକ ପର୍ଯ୍ୟନ୍ତ ରଥ ରୋଡ୍ ଓ ବିନ୍ଦୁ ସାଗରକୁ ସଂଯୋଗ କରୁଥିବା ପାଦ ଚଲା ରାସ୍ତା ପ୍ରଶସ୍ତ ହେବ। ଏଥିସହ ଲିଙ୍ଗରାଜ ବହୁବିଧ କେନ୍ଦ୍ର, କେଦାରଗୌରୀ ପାର୍କିଂ, ସ୍ୱତନ୍ତ୍ର ସଂରକ୍ଷିତ ପାର୍କିଂ, କେଦାରଗୌରୀ ପ୍ଲାଜା, ଅନନ୍ତ ବାସୁଦେବ ପ୍ଲାଜା, ଲିଙ୍ଗରାଜ ହାଟ ଓ ଭଜନ ମଣ୍ଡପର ଡିପିଆରକୁ ଏନଓସି ଦେଇଛି ଏନଏମ୍ଏ। ତେବେ ଏସବୁ ନିର୍ମାଣ ସମୟରେ ପୁରାତନ କିର୍ତ୍ତୀରାଜିର ସୁରକ୍ଷାରେ ଯେପରି ଆଞ୍ଚ ନଆସେ ସେଥିପାଇଁ ବି ନିର୍ଦ୍ଦେଶ ରହିଛି।ତେବେ ସୂଚନା କେନ୍ଦ୍ର, ମାର୍କଣ୍ଡେଶ୍ୱର ମନ୍ଦିର ଓ ପାପନାଶିନୀ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଡିପିଆର ଉପରେ ଆପତ୍ତି ଉଠାଇ ଆଉ ଥରେ ଆବେଦନ କରିବାକୁ କହିଛି ଏନଏମ୍ଏ। ଅନନ୍ତ ବାସୁଦେବ ମନ୍ଦିରରେ ଥିବା ରୋଷଘର ନିର୍ମାଣ କାର୍ଯ୍ୟ ନିୟନ୍ତ୍ରିତ ଅଞ୍ଚଳରେ କରିବାକୁ ମଧ୍ୟ କୁହାଯାଇଛି। ଗତ ବଜେଟରେ ରାଜ୍ୟ ସରକାର ଏକାମ୍ର ଯୋଜନା ପାଇଁ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ।ସେହିପରି କୋଣାର୍କରେ କୋଣାର୍କ ଐତିହ୍ୟ ଅଞ୍ଚଳ ଉନ୍ନୟନ ଯୋଜନାକୁ ମଧ୍ୟ ଏନଏମ୍ଏ ମଞ୍ଜୁର ଦେଇଛନ୍ତି। ଏହା ପରେ ରାଜସ୍ୱ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ଧରି ନିଜେ ତହସିଲାଦାର ସର୍ଭେ କରୁଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ୫୫ ଏକର ଜମିରେ ୧୭୦ କୋଟି ବ୍ୟୟରେ ସୌନ୍ଦର୍ଯ୍ୟକରଣ କାମ ପାଇଁ ଡିପିଆର ପ୍ରସ୍ତୁତ କରି ଏନଏମ୍ଏରେ ଆବେଦନ କରିଥିଲା ଓବିସିସି। ଏବେ ଅନୁମତି ମିଳିଥିଲା। ଏହି ପ୍ରକଳ୍ପରେ ରହିଛି ଲ୍ୟାଣ୍ଡସ୍କେପ୍ ପ୍ଲାଜା, ରେନ୍ ଗାର୍ଡେନ, ଫୁଟ୍ ଓଭରବ୍ରିଜ, ଭେଣ୍ଡିଂ ଜୋନ, ସୂଚନା କେନ୍ଦ୍ର ଓ ପାର୍କିଂ। ତେବେ ଓପେନ୍ ଏୟାର ଥିଏଟର ପାଇଁ ଆଉ ଥରେ ଆବେଦନ କରିବାକୁ ରହିଛି ନିର୍ଦ୍ଦେଶ।ତେଣେ ପୁରୀରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ପ୍ରୋହିବିଟେଡ୍ ଏରିଆ ବାହାରେ କରିବାକୁ ଏନଏମଏର ନିଷ୍ପତ୍ତିକୁ ସତ୍ୟର ଜୟ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ରାଜ୍ୟ ସରକାର ଆମସାର ଆକ୍ଟ ନବୁଝି-ନପଢ଼ି ଏଏସଆଇର ବିନା ପରାମର୍ଶରେ ନିର୍ମାଣ କରି କୋଟି କୋଟି ଟଙ୍କା ରାଜସ୍ୱ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ଅପରାଜିତା। ତେଣୁ ଲିଙ୍ଗରାଜ ଓ କୋଣାର୍କରେ ସରକାର ସବୁ ଉନ୍ନୟନ କାମ ନିୟମ ଅନୁସାରେ କରନ୍ତୁ ବୋଲି ସେ କହିଛନ୍ତି। ସେପଟେ କଂଗ୍ରେସ ମଧ୍ୟ ବିକାଶ ସରକାରୀ ନିୟମରେ ହେଉ ବୋଲି କହିଛି। ଜବାବ ରଖି ବିଜେଡି କହିଛି କେନ୍ଦ୍ର ଏବେ ଶ୍ରୀଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଅଧ୍ୟାଦେଶକୁ ମଞ୍ଜୁର ଦେଉ।

## କଟକ ନକଲି ଔଷଧ ବିକ୍ରୀ ଘଟଣାରେ ହାଇକୋର୍ଟରେ ମାମଲା

ଭୁବନେଶ୍ୱର,୨୧।୯(ପି.ଏନ):କଟକରେ ନକଲି ଔଷଧ କାରବାର ମାମଲା ହାଇକୋର୍ଟରେ ପହଂଚିଛି। ନକଲି ଔଷଧ ମାମଲାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହି ମାମଲାରେ ଭୁବନେଶ୍ୱର ସିବିଆଇ ଏସପି,ପୋଲିସ୍ ଡିଜି, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ପକ୍ଷଭୁକ୍ତ କରାଯାଇଛି। ଅଭିଷେକ ଦାସ ଏହି ମାମଲା ଦାୟର କରିଥିବା ବେଳେ ଆଇନଜୀବୀ ଆଲୋକ ମହାପାତ୍ର ଏହି ମାମଲା ପରିଚାଳନା କରୁଛନ୍ତି।ଅନ୍ୟପଟେ ନକଲି ମେଡିସିନ ବିକ୍ରି ଘଟଣାରେ ତଦନ୍ତ ପାଇଁ ପୁରୀଘାଟ ଥାନା ଅଧିକାରୀଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ ରାଜ୍ୟ ବାହାରକୁ ଯାଇଛି। ଏଡି ଟିମ୍ ବିହାରର ଗୟାକୁ ଯାଇଛି। ଏହି ଟିମ୍ ରେ ଦୁଇ ଜଣ ଏକ୍ସପର୍ଟ ରହିଛନ୍ତି। କଟକର ଭିଆର ଡ୍ରଗ ଏଜେନ୍ସି ଓ ପୂଜା ଏଂଟରପ୍ରାଇଜେସ ଏହି ନକଲି ମେଡିସିନ ଗୟା ଓ ବେଙ୍ଗାଲୁରୁ ଠାରୁ ଆଣୁଥିବା ପୁଲିସ ତଦନ୍ତରେ ଜାଣିବାକୁ ପାଇଥିଲା। ସେଥି ପାଇଁ ଅଧିକ ତଦନ୍ତ ପାଇଁ ଟିମ ବିହାର ଗସ୍ତ କରିଛି। ସେଠାରେ ତଦନ୍ତ ପରେ ଜଣାପଡିବ ଯେ, କିଏ ଏହି ନକଲି ମେଡିସିନ ପ୍ରସ୍ତୁତର ମାଷ୍ଟରମାଇଣ୍ଡ ବୋଲି କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

## ଭିଜିଲାନ୍ସ ଜାଲରେ ଭେଜିପୁଟ ଫାଣ୍ଡି ଅଧିକାରୀ

ଗଞ୍ଜାମ,୨୧।୯(ପି.ଏନ): ଗଞ୍ଜାମ ଜିଲ୍ଲା ଭେଜିପୁଟ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଲାଂଚ ନେବାବେଳେ ଗତକାଲି ରାତିରେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ହାବୁଡରେ ପଡିଛନ୍ତି । ଭିଜିଲାନ୍ସ ଟିମ୍ ଫାଣ୍ଡି ଅଧିକାରୀ ସନ୍ତୋଷଙ୍କ ଠାରୁ କେମିକାଲ୍ ବୋଳା ଟଙ୍କା ଜବତ କରି ତାଙ୍କୁ ହେପାଜତକୁ ନେବା ସହ ଏନେଇ ଅଧିକ ଛାନଭିନ୍ ଜାରୀ ରଖିଛନ୍ତି । ସୂଚନା ପ୍ରକାରେ, ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡି ଅନ୍ତର୍ଗତ ଗୁରାପଲ୍ଲୀ ଗ୍ରାମର ଭୁବନ ପାତ୍ର ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉଭୟ ପକ୍ଷର ଦୁଇଟି ଏତଲା ଆଧାରରେ ମାମଲା ରୁଜୁ ହୋଇଥିଲା । ଗିରଫଦାରୀକୁ ଏଡାଇବା ପାଇଁ ଓ ୪୧ ସିଆରପିସିରେ ନୋଟିସ୍ କରି ଭୁବନକୁ ଛାଡିବା ପାଇଁ ଫାଣ୍ଡି ଅଧିକାରୀ ସନ୍ତୋଷ ସ୍ୱାଇଁ ୧୫ ହଜାର ଟଙ୍କା ଲାଂଚ ମାଗିଥିଲେ । ଲାଂଚ ଦେବା ପାଇଁ ଭୁବନ ରାଜି ହୋଇଥିଲେ । ଏବଂ ଗତକାଲି ସଂନ୍ଧ୍ୟାରେ ଟଙ୍କା ଦେବାକୁ ଜଣାଇଥିଲେ । ଏ ସଂକ୍ରାନ୍ତରେ ଭୁବନ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଗତକାଲି ରାତିରେ ଭୁବନ ଭେଜିପୁଟ ଫାଣ୍ଡିରେ ପହଂଚି ଲାଂଚ ବାବଦ ୧୫ ହଜାର ଟଙ୍କା ଏସଆଇ ସନ୍ତୋଷଙ୍କୁ ଦେଇଥିଲେ । ସନ୍ତୋଷ ଏହି ଟଙ୍କା ଧରି ପାଟ୍ରୋଲିଂ କରିବାକୁ ଯିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲା । ଏବଂ ତାଙ୍କ ନିକଟରୁ ଲାଂଚ ବାବଦ ଟଙ୍କା ଜବତ କରିଥିଲା । ଭିଜିଲାନ୍ସ ଅଧିକାରୀ ମାନେ ଭେଜିପୁଟ ଫାଣ୍ଡି ଓ ଏସଆଇ ସନ୍ତୋଷ ରହୁଥିବା ଘରେ ମଧ୍ୟ ଚଢ଼ଉ କରିଛନ୍ତି ।

## ବିହାରରେ ମାଲଗାଡିର ୨୦ଟି ଡବା ଲାଇନଚ୍ୟୁତ :ଅନେକ ଟ୍ରେନର ମାର୍ଗରେ ପରିବର୍ତ୍ତନ

ପାଟନା, ୨୧।୯(ପି.ଏନ): ବିହାରର ରୋହତାସ ଜିଲ୍ଲାରେ କୁମହେଉ ଷ୍ଟେସନ ନିକଟରେ ବୁଧବାର ସକାଳ ପାଖାପାଖି ୬.୨୦ରେ ଏକ ମାଲବାହୀ ଟ୍ରେନର ୨୦ଟି ଡବା ଲାଇନଚ୍ୟୁତ ହୋଇଛି । ହାଜିପୁର ଜୋନାଲ କାର୍ଯ୍ୟାଳୟର ମୁଖ୍ୟ ଜନ ସମ୍ପର୍କ ଅଧିକାରୀ ବିରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି ।

## କାଲିଠୁ କମିବ ବର୍ଷା

ଭୁବନେଶ୍ୱର,୨୧।୯(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଜି ଉତ୍ତର ଛତିଶଗଡ ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଏହା ସହ ଜଡିତ ଘୁର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮କିମି ଯାଏଁ ଲମ୍ବିଛି। ଏହା ଆଗାମୀ ୨ ଦିନ ଯାଏଁ ପଶ୍ଚିମ -ଉତରପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଅନ୍ୟପକ୍ଷରେ ୨୨ ତାରିଖ ପରଠାରୁ ରାଜ୍ୟରେ ବର୍ଷା ପରିମାଣ କମିପାରେ। କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ମଧ୍ୟାହ୍ନ ବୁଲେଟିନରେ କୁହାଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼,ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ କଟକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ,ଯାଜପୁର, ଅନୁଗୁଳ, ଢେଙ୍କାନାଳ ଓ କନ୍ଧମାଳର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ।

## ରାଜ୍ୟରେ ଏଯାଏଁ ୩୭୮୮ ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର,୨୧।୯(ପି.ଏନ): ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୭୮୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ୨୭ ହଜାର ୭୫୯ ସାମ୍ପୁଲ୍ ଟେଷ୍ଟ ହୋଇଥିବା ବେଳେ ୩୭୮୮ ପଜିଟିଭ୍ ଆସିଥିଲା। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୧୩୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ କୋରାପୁଟରେ ୩୫୯, ରାୟଗଡ଼ାରେ ୩୨୧, ମାଲକାନାଗିରିରେ ୨୩୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ସୁଦ୍ଧା ରାଜ୍ୟରେ ସରକାରୀ ଭାବେ ଡେଙ୍ଗୁରେ କୌଣସି ଲୋକଙ୍କ ମୃତ୍ୟୁ ହୋଇନାହିଁ। ୨୦୨୧ରେ ଏହି ସମୟରେ ମୋଟ ୧୫ ହଜାର ୮୩୮ ସାମ୍ପୁଲ ଟେଷ୍ଟ ହୋଇଥିଲା ଓ ୩ ହଜାର ୮୯୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତବର୍ଷ ତୁଳନାରେ ପଜିଟିଭିଟି ରେଟ କମିଥିବା ବେଳେ ଦୈନିକ ସଂକ୍ରମଣ ବି କମିଛି। ମୌସୁମୀ ସମୟରେ ଓ ମୌସୁମୀ ପରେ ଡେଙ୍ଗୁ ସାମାନ୍ୟ ବଢ଼ିଥିବା ବେଳେ ଏବେ ହ୍ରାସ ପାଉଛି।

## ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ : ଟାଙ୍ଗରପାଲି ଅତିରିକ୍ତ ତହସିଲଦାରଙ୍କ ଘର ସମେତ ୮ଟି ସ୍ଥାନରେ ଚଢ଼ଉ

ରାଉରକେଲା,୨୧।୯(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ଅତିରିକ୍ତ ତହସିଲଦାର କୁଳମଣି ପଟେଲଙ୍କ ଘରେ ଆଜି ଚଢ଼ଉ କରିଛି ଭିଜିଲାନ୍ସ । ଡୁମାବାହାଲ, ଲେଫ୍ରିପଡ଼ା ସମେତ ସୁନ୍ଦରଗଡ଼ ଜିଲ୍ଲାର ୮ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି ରାଉରକେଲା ଭିଜିଲାନ୍ସ ଡିଭିଜନର ଅଧିକାରୀ ମାନେ । କୁଳମଣିଙ୍କ ପୈତୃକ ଗାଁ, ଲେଫ୍ରିପଡା ଥାନା ଅନ୍ତର୍ଗତ ଡୁମାବାହାଲ ଏବଂ ଲେଫ୍ରିପଡାରେ ଚଢଉ ଜାରି ରହିଛି। ସୁନ୍ଦରଗଡ଼ ସହରର ମିଶନ ରୋଡ ସ୍ଥିତ ଦୁଇ ମହଲା କୋଠା, ଲେଫ୍ରିପଡ଼ାର ତିନି ମହଲା କୋଠା ଏବଂ ଡୁମାବାହାଲରେ ତିନୋଟି ଘରେ ଚଢଉ ଜାରି ରହିଛି। ତେବେ ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏହା ପୂର୍ବରୁ ସେ ହେମଗିରି ତହସିଲରେ ମଧ୍ୟ ଅତିରିକ୍ତ ତହସିଲଦାର ଭାବରେ ଅବସ୍ଥାପିତ ଥିଲେ।

## ମୁଖ୍ୟ ସଚିବଙ୍କୁ କେନ୍ଦ୍ରର ତାଗିଦ୍: ସାଂସଦ-ବିଧାୟକଙ୍କୁ ଉଚିତ୍ ସମ୍ମାନ ଦିଅ



ଭୁବନେଶ୍ୱର,୨୧।୯(ପି.ଏନ): ଓଡିଶାରେ ବିଭିନ୍ନ ସମୟରେ ସାଂସଦ ଓ ବିଧାୟକମାନଙ୍କୁ ଅଫିସରମାନେ ଉପଯୁକ୍ତ ସମ୍ମାନ ଦେଉନଥିବା ନେଇ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ଅଭିଯୋଗ କରୁଥିବାବେଳେ ଚଳିତମାସ ୧୩ତାରିଖରେ ମୁଖ୍ୟ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ସରକାର ତାଗିଦ୍ କରିଛନ୍ତି । ଏହାସହିତ ସାଂସଦ ଓ ବିଧାୟକଙ୍କ ସହ ଅଫିସରମାନଙ୍କ ଆଚରଣରେ ଯେଭଳି ଶିଷ୍ଟାଚାର ଓ ଉଚିତ୍ ପ୍ରକ୍ରିୟା ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପାଳନ ହେବ ତାହା ସୁନିଶ୍ଚିତ କରିବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ କୁହାଯାଇଛି ।ମିଳିଥିବା ସୂଚନା ଅନୁସାରେ, ସେପ୍ଟେମ୍ବର ୧୩ତାରିଖରେ ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ୭ ପୃଷ୍ଠାର ଚିଠି ପଠାଇ କେନ୍ଦ୍ର ସରକାର ଉଭୟ ସାଂସଦ ଓ ବିଧାୟକମାନଙ୍କୁ ଅଫିସରମାନେ ଯେଭଳି ଉପଯୁକ୍ତ ଶିଷ୍ଟାଚାର ଓ ସମ୍ମାନ ଦେବେ ତାହା ସୁନିଶ୍ଚିତ କରାଇବାକୁ ତାଗିଦ୍ କରିଛନ୍ତି । ୨୦୧୧ ଡିସେମ୍ବର ୧ରୁ ୨୦୨୧ ମାର୍ଚ୍ଚ ୧୫ତାରିଖ ମଧ୍ୟରେ କେନ୍ଦ୍ର ସରକାର ପଠାଇଥିବା ଏ ସଂକ୍ରାନ୍ତ ୭ଟି ଚିଠି ସମ୍ପର୍କରେ ମଧ୍ୟ ଚେତାଇ ଦେଇଛନ୍ତି ।ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସରକାର ପୁଣିଥରେ ବିସ୍ତୃତ ଗାଇଡଲାଇନ୍ ପଠାଇ କହିଛନ୍ତି ଯେ, ସାଂସଦ ଓ ବିଧାୟକମାନେ ହେଉଛନ୍ତି ଲୋକଙ୍କ ଅଧିକୃତ ପ୍ରତିନିଧି । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଂସଦ-ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଛି । ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗଠୁ ସୂଚନା ଜାଣିବାକୁ ଚାହିଁଥାନ୍ତି, ଅବା ସେମାନଙ୍କ ପରାମର୍ଶ ଉପରେ ବିଚାର କରିବାକୁ କହିଥାନ୍ତି ଅବାପୁଣି ଅଫିସରଙ୍କୁ ସାକ୍ଷାତ କରିବାକୁ ଚାହିଁଥାନ୍ତି ।କେନ୍ଦ୍ର ସରକାର ୨୦୧୧ ଡିସେମ୍ବର ୧ତାରିଖରେ ଏନେଇ ଏକ ଗାଇଡଲାଇନ୍ ସମସ୍ତ ମନ୍ତ୍ରଣାଳୟ,ବିଭାଗ, ରାଜ୍ୟ ସରକାରଙ୍କୁ ଜାରି କରିଥିଲେ । ସାଂସଦ ଓ ବିଧାୟକମାନଙ୍କ ସହ ଜିଲ୍ଲାଠୁ ରାଜ୍ୟସ୍ତର ଓ କେନ୍ଦ୍ର ସରକାରସ୍ତରରେ କିଭଳି ଆଚରଣ କରାଯିବ ତାହା ସେଥିରେ ଉଲ୍ଲେଖ ରହିଥିଲା । ଏପରିକି ସାଂସଦ ଓ ବିଧାୟକମାନଙ୍କ ଚିଠି, ପରାମର୍ଶ ଓ ସାକ୍ଷାତବେଳେ ସରକାରୀ ଅଫିସରମାନେ କିଭଳି ଆଚରଣ କରିବେ ସେ ନେଇ କେନ୍ଦ୍ର ସରକାର ୨୦୧୧ରୁ ୨୦୨୧ ମଧ୍ୟରେ ୭ଥର ରିମାଇଣ୍ଡର ପଠାଇ ସେସବୁକୁ କଡାକଡି ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ ।ସେହିପରି ଏହି ଚିଠିରେ ସାଂସଦ ଓ ବିଧାୟକମାନଙ୍କୁ କିଭଳି ଅଫିସରମାନେ ସୌଜନ୍ୟ ଓ ସମ୍ମାନ ପ୍ରଦାନ କରିବେ ସେ ନେଇ ୭ଟି ନିୟମ ଓ ନିର୍ଦ୍ଦେଶନାମା ସମ୍ପର୍କରେ କେନ୍ଦ୍ର ସରକାର ସ୍ମରଣ କରାଇ ଦେଇଛନ୍ତି । ଅଲଇଣ୍ଡିଆ ସର୍ଭିସ (KŠo) ରୁଲସ-୧୯୬୮ର ରୁଲ ୩(୨କ) ଅନୁସାରେ ପ୍ରତ୍ୟେକ ଅଫିସର ନିଜର କର୍ତ୍ତବ୍ୟ ସମ୍ପାଦନବେଳେ ବିନମ୍ରତା ଆଚରଣ କରିବେ । ଆଉ ଲୋକଙ୍କ ସହ ନିଜର ବ୍ୟବହାରରେ କୌଣସି ପ୍ରକାରର କୌଶଳ ଆପଣାଇବେ ନାହିଁ ।କୌଣସି ସରକାରୀ ଅଫିସ୍ ନିଜର ଅଫିସ ଡ୍ୟୁଟି କରିବାବେଳେ ଅଭଦ୍ରାମୀ କାର୍ଯ୍ୟ କରିବେ ନାହିଁ ତଥା ଲୋକଙ୍କ ସହ ବ୍ୟବହାରରେ ବିନମ୍ରତା ରହିବା ସହ ତାଙ୍କ ପାଖେ ରହିଥିବା କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରିବେ ନାହିଁ ।ପୂର୍ବ ନିର୍ଦ୍ଦେଶନାମା ଅନୁସାରେ ସାଂସଦ ଓ ବିଧାୟକଙ୍କ ପ୍ରତି ସରକାରୀ ଅଫିସରମାନେ ଉପଯୁକ୍ତ ଶିଷ୍ଟାଚାର ଓ ସମ୍ମାନ ଦେଖାଇବା ସହ ସାବଧାନତା ଅବଲମ୍ବନ କରିବା ଉଚିତ୍। ଏହାସହିତ ସାଂସଦ ଓ ବିଧାୟକମାନଙ୍କ କଥାକୁ ଧ୍ୟାନପୂର୍ବକ ଶୁଣିବା ତଥା ଏହା ଉପରେ ବିଚାର କରି ସର୍ବୋତ୍ତମ ନିଷ୍ପତ୍ତି ଆଇନ ଅନୁସାରେ ନେବା ଜରୁରୀ । ସାଂସଦ ଓ ବିଧାୟକଙ୍କୁ ସ୍ୱାଗତ କରିବା ଓ ତାଙ୍କୁ ବିଦା କରିବାବେଳେ ନିଜ ଆସନରେ ଠିଆ ହୋଇ ଅଫିସରମାନେ ସମ୍ମାନ ଜଣାଇବା ଉଚିତ୍ ।ସାଂସଦ ଓ ବିଧାୟକ ଫୋନ୍ ମାଧ୍ୟମରେ ଦେଇଥିବା ସନ୍ଦେଶକୁ ଅଫିସରମାନେ ଅଣଦେଖା କରିପାରିବେ ନାହିଁ । ସମ୍ପୃକ୍ତ ଅଫିସର ନିଜର ଅନୁପସ୍ଥିତି ଅବା କାର୍ଯ୍ୟ ବ୍ୟସ୍ତତା ପାଇଁ ଯଦି ଉକ୍ତ ଫୋନକୁ ଗ୍ରହଣ କରିପାରିନଥିବେ ତେବେ ଯଥାଶୀଘ୍ର ପ୍ରାଥମିକତା ଭିତ୍ତିରେ ସେହି ସାଂସଦ ଅବା ବିଧାୟକଙ୍କୁ ଏନେଇ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବେ । କେବଳ ସେତିକି ନୁହେଁ, କୌଣସି ସରକାରୀ ସଭାସମିତିକୁ ବିଧାୟକ ଓ ସାଂସଦମାନଙ୍କୁ ଆମନ୍ତ୍ରଣ କରାଯିବା ସହ ଉପଯୁକ୍ତ ପ୍ରୋଟୋକଲ ପାଳନ ନିମନ୍ତେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ପାଳନ କରିବାକୁ ତାଗିଦ୍ କରାଯାଇଛି।

## ସମ୍ପତ୍ତି ଲୁଚାଉଛନ୍ତି ଆଇ.ଏ.ଏସ୍ ବାବୁ, ନିୟମ କରି ଚୁପ୍ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୧।୯(ପି.ଏନ): ସମ୍ପତ୍ତି ଲୁଚାଉଛନ୍ତି ଓଇଏ ବାବୁମାନେ। ତେଣୁ ଜଣାପଡୁନି ସେମାନଙ୍କ ନାମରେ କେତେ ରହିଛି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। କାହିଁକି ସେମାନେ ଦେଉନାହାନ୍ତି ପୂରା ସମ୍ପତ୍ତି ତାଲିକା କ'ଣ ଏହା ପଛର ଉଦ୍ଦେଶ୍ୟ ସରକାରୀ ନିୟମକୁ କାହିଁକି ବାବୁମାନେ କରୁଛନ୍ତି ଉଲ୍ଲଂଘନ ସେମାନଙ୍କ ଉପରେ କାହିଁକି ନିଆଯାଉନି କାର୍ଯ୍ୟାନୁଷ୍ଠାନସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ମସିହାରେ ଗୋଟିଏ ଟୁଇଟ୍ କରିଥିଲେ। ଯେଉଁଥିରେ ନିର୍ଦ୍ଦେଶ ଥିଲା, ସରପଞ୍ଚଙ୍କଠୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଯାଏଁ ସମସ୍ତଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ସର୍ବସାଧାରଣରେ ପ୍ରକାଶ କରିବେ। ଏହି ସମ୍ପତ୍ତି ତାଲିକା ଲୋକ ଦେଖିବେ। ସମସ୍ତ ତଥ୍ୟ ପ୍ରକାଶ ପାଇବ ଓ୍ୱେବସାଇଟରେ। ଏପରିକି ୨୦୧୯ରେ ଲୋକାୟୁକ୍ତ ଆଇନରେ ସଂଶୋଧନ ଅଣାଯିବା ପରେ ସରକାର ଯେଭଳି ଚାହିଁବେ ସେମିତି ଫର୍ମାଟରେ ସବୁ ସରକାରୀ କର୍ମଚାରୀ ସମ୍ପତ୍ତି ତାଲିକା ଦେବେ ବୋଲି ଆଇନ ହୋଇଛି। ଏହି ତାଲିକାର ନକଲ ମଧ୍ୟ ଲୋକାୟୁକ୍ତଙ୍କୁ ଦେବାକୁ ନିୟମ ରହିଛି। ବିଳମ୍ବରେ ହେଉ ପଛେ, ରାଜ୍ୟର ପ୍ରାୟ କର୍ମଚାରୀ ଏପରିକି ପଦୋନ୍ନତି ପାଇଥିବା OAS ଓ IAS ମାନେ ନିଜ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହିସାବ ଦେଉଛନ୍ତି। ସାଧାରଣ ପ୍ରଶାସନ ବିଭାଗର HRMS ପୋର୍ଟାଲରେ ଅପ୍‌ଲୋଡ୍ ବି କରୁଛନ୍ତି। ତେବେ ସିଧାସଳଖ ଓଇଏରେ ଭର୍ତ୍ତି ଅଫିସରମାନେ କେବଳ ସ୍ଥାବର ସମ୍ପତ୍ତିକୁ କାର୍ମିକ ମନ୍ତ୍ରଣାଳୟ ବା ଡିଓପିଟି ସାଇଟରେ ସାର୍ବଜନୀନ କରୁଥିଲେ ହେଁ ଅସ୍ଥାବର ସଂପତ୍ତିର ତଥ୍ୟ ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି ।କିଛି ଓଇଏ ଦେଇଥିବା ସେମାନଙ୍କ ସ୍ଥାବର ସମ୍ପତ୍ତି ତାଲିକା ଉପରେ ନଜର ପକାଇଲେ ଜଣାପଡ, ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା ମୁଖ୍ୟ ସଚିବ ସୁରେଶ ମହାପାତ୍ର ଚଳିତ ୨୦୨୨ ରିଟର୍ଣ୍ଣରେ ଦର୍ଶାଇଛନ୍ତି ଯେ, ତାଙ୍କ ପାଖରେ ଓ ତାଙ୍କ ପତ୍ନୀଙ୍କ ପାଖରେ ୩ଟି କୋଠା ବା ଫ୍ଲାଟ ରହିଛି। ତାହା ସହ ରହିଛି ୨ଟି ଜମି ତଥା ପ୍ଲଟ୍। ୨ ହଜାର ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ ଓ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କ ଦାଖଲ ସମ୍ପତ୍ତି ତାଲିକାରୁ ଜଣାପଡ, ୨୦ ବର୍ଷର ଚାକିରି କାଳରେ ଏହି ଓଇଏ ଦମ୍ପତି କୌଣସି ଫ୍ଲାଟ ବା ପ୍ଲଟ କିଣି ନାହାନ୍ତି। ୧୯୮୯ ବ୍ୟାଚ୍‌ର ଆଇଏଏସ ଅଫିସର ପ୍ରଦୀପ ଜେନା ଓ ତାଙ୍କ ପତ୍ନୀ ନିଜ ପାଖରେ ୩ଟି ଫ୍ଲାଟ ଓ ୬ଟି ପ୍ଲଟ ରହିଥିବା ଦର୍ଶାଇଛନ୍ତି। ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରଦୀପ୍ତ ମହାପାତ୍ର ଓ ଚାକିରି କରିଥିବା ତାଙ୍କ ପତ୍ନୀଙ୍କ ପାଖରେ ୭ଟି ଫ୍ଲାଟ ଥିବାବେଳେ ରହିଛି ୨ଟି ପ୍ଲଟ। ୧୯୯୦ ବ୍ୟାଚ୍ ଆଇଏଏସ୍ ସଂଜୀବ ଚୋପ୍ରାଙ୍କ ପାଖରେ ଗୋଟିଏ ଫ୍ଲାଟ ଥିବା ବେଳେ ତାଙ୍କ ପତ୍ନୀ ତଥା ୧୯୯୪ ବ୍ୟାଚ୍ IAS ଅଫିସର ରଂଜନା ଚୋପ୍ରାଙ୍କ ପାଖରେ ରହିଛି ୨ଟି ଫ୍ଲାଟ ।ସେହିପରି ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ହେମନ୍ତ ଶର୍ମା ଓ ତାଙ୍କ ପତ୍ନୀଙ୍କ ନାଁରେ ୩ଟି ଫ୍ଲାଟ ଓ ଗୋଟିଏ ପ୍ଲଟ୍ ରହିଛି। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଆଇଏଏସ୍ ଅଧିକାରୀମାନଙ୍କ ପାଖରେ ଏବେ କେତେ ଅସ୍ଥାବର ସମ୍ପତ୍ତି ଅର୍ଥାତ କେତେ ଟଙ୍କାର ବ୍ୟାଙ୍କ ଜମା, ସେୟାର, ସୁନା ଗହଣା, ନଗଦ ଟଙ୍କା ରହିଛି, କେହି ବି ସର୍ବସାଧାରଣରେ ପ୍ରକାଶ କରିନାହାଁନ୍ତି ।ଏନେଇ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି, ଅଲ୍ ଇଣ୍ଡିଆ ସର୍ଭିସ କଣ୍ଡକ୍ଟ ରୁଲ୍-୧୯୬୮ କହୁଛି, ସର୍ବଭାରତୀୟ ସେବାର ପ୍ରତ୍ୟେକ ଅଧିକାରୀ ପ୍ରତିବର୍ଷ ସମ୍ପତ୍ତି ତାଲିକା ଦେବେ। ପ୍ରତ୍ୟେକ ବର୍ଷ ଜାନୁୟାରୀ ୩୧ ସୁଦ୍ଧା କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରାଳୟକୁ ସମସ୍ତ ସମ୍ପତ୍ତି ତାଲିକା ପଠାଇବେ। କିନ୍ତୁ ଓଡ଼ିଶାର କିଛି ଓଇଏଙ୍କ ସହ ଓଟିଏ ଅଧିକାରୀ ସ୍ଥାବର ସମ୍ପତ୍ତି ବ୍ୟତୀତ ଅସ୍ଥାବର ସମ୍ପତ୍ତି ତାଲିକା ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ଏହା ବିଧିବଦ୍ଧ ଏକ ଚକ୍ରାନ୍ତ ।ଏଭଳି ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ନିୟମ କରି କାହିଁକି ଚୁପ୍ ବସିଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅକ୍ଟୋବର ୧୬ ରେ ଓସିଏସ୍ ପ୍ରିଲିମନାରୀ ପରୀକ୍ଷା

ଭୁବନେଶ୍ୱର,୨୧।୯(ପି.ଏନ): ଆସନ୍ତା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷା -୨୦୨୧ର ପ୍ରିଲିମନାରୀ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରିଲିମନାରୀ ପରୀକ୍ଷା ନେଇ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ସୂଚନା ଦିଆଯାଇଛି ।ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ଜାରି ପ୍ରେସ ରିଲିଜ ଅନୁଯାୟୀ, ପ୍ରିଲିମନାରୀ ପରୀକ୍ଷା ଅକ୍ଟୋବର ୧୬ ତାରିଖ ଅର୍ଥାତ୍ ରବିବାର ହେବ। ୧୬ ତାରିଖରେ ୨ଟି ସିଟିଂରେ ପରୀକ୍ଷା କରାଯିବ। ସକାଳ ୧୦ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର୍ -୧ ରହିଛି। ଦିନ ୧ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା ହେବ। ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ ୪୦ ମିନିଟ ଅତିରିକ୍ତ ସମୟ ମିଳିବ ।ରାଜ୍ୟର ୫ଟି ଜୋନ୍ ଅର୍ଥାତ ବାଲେଶ୍ୱର, ବ୍ରହ୍ମପୁର, ଭୁବେନଶ୍ୱର, କଟକ ଏବଂ ସମ୍ବଲପୁରରେ ଏହି ପରୀକ୍ଷା ହେବ ବୋଲି ଜଣାଯାଇଛି।

## ୪ ଶିଶୁଙ୍କୁ ଜନ୍ମ ଦେଲେ ମହିଳା



ବିନିକା,୨୧।୯(ପି.ଏନ): ୪ ଶିଶୁଙ୍କୁ ଜନ୍ମଦେଲେ ମହିଳା। ନବଜାତଙ୍କ ମଧ୍ୟରେ ଗୋଟିଏ ପୁଅ ଓ ୩ କନ୍ୟା ରହିଛନ୍ତି। ଓଜନ କମ୍ ? ଥିବାରୁ ଶିଶୁମାନଙ୍କ ଜୀବନ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବୁର୍ଲା ବୀର ସୁରେନ୍ଦ୍ର ସାଏ ବଡ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବାଞ୍ଜିପାଲି ଗାଁର ରବୀନ୍ଦ୍ର ବାଗଙ୍କ ପତ୍ନି କୁନି ସୁନା ଏହି ୪ ଶିଶୁ ଜନ୍ମ ଦେଇଛନ୍ତି ।ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ସମସ୍ତ ଶିଶୁଙ୍କୁ ଏହି ଡାକ୍ତରଖାନାର ଏସ୍?.ଏନ୍.ସି.ୟୁ. ରେ ଭର୍ତ୍ତି କରାଯାଇଛି। ଜନ୍ମିତ ଦୁଇଟି ଶିଶୁକନ୍ୟା ଏବଂ ଶିଶୁପୁତ୍ରର ଓଜନ ୧ କେଜିରୁ କମ୍ ରହିଥିବା ବେଳେ ଅନ୍ୟ ଶିଶୁକନ୍ୟାର ଓଜନ ୧.୨ କେଜି ରହିଛି ।ପ୍ରସୂତି ଜଣକ ଗତକାଲି ଗର୍ଭ ପୀଡା ପାଇବାରୁ ଏଠାରେ ଭର୍ତ୍ତି ହୋଇଥିଲେ। କିଛି ସମୟ ପରେ ଅର୍ଥାତ୍ ଦିନ ୨ଟା ବେଳକୁ ପର୍ଯ୍ୟାୟ କ୍ରମେ ୪ ମିନିଟ୍ ବ୍ୟବଧାନରେ ପ୍ରଥମେ ତିନୋଟି ଶିଶୁକନ୍ୟା ଓ ଶେଷରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତିନି ଶିଶୁ କନ୍ୟାମାନଙ୍କ ଓଜନ ଯଥାକ୍ରମେ ୧.୨ କେଜି, ୯୦୦ଗ୍ରାମ, ୭୦୦ ଗ୍ରାମ ଥିବା ବେଳେ ଶିଶୁ ପୁତ୍ରର ଓଜୋନ ୬୦୦ ଗ୍ରାମ ରହିଛି। ତେବେ ଏକା ସଙ୍ଗେ ୪ ଶିଶୁଙ୍କୁ ଜନ୍ମ ଦେଇଥିବା ମହିଳା ସୁସ୍ଥ ଅଛନ୍ତି।








## ଟି ଟାଇମ୍

### ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

### ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

### ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି। ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି। ଥରେ ଗୋଲକରେ ଦେବୀ ସୀତା ନଥିଲେ। ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ। କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ। ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ। ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା। ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ। ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ। ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ। ରାୟାଣ ହେଉଛି ମୋର ଏକ ଅଂଶ। ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ।

## ପୁରାଣ କାହାଣୀ

### ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗା କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ।ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

### ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

### ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସ୍ୟୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

### 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ସ୍ନାତକ ନକରି ମଧ୍ୟ ଅଧ୍ୟାପକ

ଖୋର୍ଦ୍ଧା (ପିଏନ୍)-ବିନା ସ୍ନାତକରେ ଜଣେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବାର ଏକ ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ସ୍ନାତକୋତ୍ତର ନକରି ଏପରିକି ସ୍ନାତକ ପରୀକ୍ଷାରେ କପିକରି ଅଯୋଗ୍ୟ ଘୋଷିତ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଚଉଦ ମୌଜା ବିଦ୍ୟୁତ ଡିଗ୍ରୀ ମହାବିଦ୍ୟାଳୟ ଗଡ ସାନପୁଟ କଣାସ ଜିଲ୍ଲା ପୁରୀରେ ଅଧୁନା ଓଡିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶ୍ରୀ ଶରତ କୁମାର ଷଡଙ୍ଗୀ । ସେ ମହାଶୟ ୧୯୯୧-୯୨ରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଫାଇନାଲ ପରୀକ୍ଷାରେ କପିକରି ଧରାପଡି ଅଯୋଗ୍ୟ ଘୋଷିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପତ୍ରାଙ୍କ ସଂଖ୍ୟା ୧୬୫୯୩ (୧୨) ତା୮.୪.୨୦୨୨ରିଖରେ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଫଳରେ ତାଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ସେ ସ୍ନାତକରେ ଉତୀର୍ଣ୍ଣ ନହୋଇ ମଧ୍ୟ ସେ ୧୯୯୪ ମସିହାରେ ରୋଲ ନଂ ୨୧୯୦୩୧୫୬୯ ଦ୍ୱାରା ଘରୋଇ ଭାବରେ ପରୀକ୍ଷା ଦେଇ ପାଶ କରିଛନ୍ତି ବୋଲି ବର୍ତ୍ତମାନ କାର୍ଯ୍ୟରତ ଥିବା କଲେଜର କର୍ତ୍ତୃପକ୍ଷ ସେ ସ୍ନାତକତ୍ତୋର କରିଥିବାର ଦର୍ଶାଇଛନ୍ତି। ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଯେଉଁ ସ୍ନାତକର ପ୍ରୋଭିଜନାଲ ପ୍ରମାଣପତ୍ର ଓ ଅଙ୍କ ତାଲିକା (ମାର୍କଲିଷ୍ଟ) ଶ୍ରୀ ଷଡଙ୍ଗୀ ଦାଖଲ କରିଛନ୍ତି ତାହା ମଧ୍ୟ ଜାଲିଆତି ହୋଇଛି ବୋଲି ସ୍ଥାନୀୟ ସାମନ୍ତରାପୁର ମଙ୍ଗଳା ସାହିର ଗୋପୀନାଥ ସେଠୀ ସୂଚନା ଅଧିକାର ଆଇନ-୬(୧) ଆର.ଟି.ଆଇ. ୨୦୦୫ ବଳରେ ମାଗିଥିବା ପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକଙ୍କ ପ୍ରଦତ ଚିଠିରେ ସ୍ୱଷ୍ଟ ଭାବରେ ଲେଖିଛନ୍ତି ଶ୍ରୀ ଷଡଙ୍ଗୀ (ବି.ଏ.) ପାସ କରିନାହାଁନ୍ତି। ମାତ୍ର ଆଶ୍ଚର୍ଯ୍ୟ ଓ ପରିତାପର ବିଷୟ ଶ୍ରୀ ଷଡଙ୍ଗୀ କିପରି ବି.ଏ.ର ପ୍ରୋଭିଜନାଲ ପ୍ରମାଣପତ୍ର ସହିତ ମାର୍କସିଟ୍ ଜାଲିଆତି କରି ପ୍ରସ୍ତୁତ କରିବା ସହ ତାହାକୁ ପ୍ରୟୋଗ କରି ସ୍ନାତକୋତ୍ତର ପଢି ଉତୀର୍ଣ୍ଣ ହେବାସହ ଅଧ୍ୟାପକ ହେଲେ? ସେ ଯେଉଁ ଘରୋଇ କଲେଜରୁ ଏମ.ଏ. ପାସ କଲେ ସେ କଲେଜର କର୍ତ୍ତୃପକ୍ଷଙ୍କୁ ସନ୍ଦେହକୁ ନେଇ ଏହାର ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ତୁରନ୍ତ ତାଙ୍କୁ କଲେଜରୁ ବହିଷ୍କାର କରିବା ସହ ସେ ହାସଲ କରିଥିବା ଏମ.ଏ. ପ୍ରମାଣପତ୍ର ପ୍ରଦାନ କରିଥିବା କଲେଜ ତଥା ଅଧୁନା କାର୍ଯ୍ୟରତ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

# ଓଡ଼ିଶାରେ ଭାରତ ଯୋଡ଼ୋ ଯାତ୍ରା ପାଇଁ ପ୍ରଦେଶ ମହିଳା କଂଗ୍ରେସର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର (ପିଏନ୍)- ଗତକାଲି ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଭାରତ ଯୋଡ଼ୋ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ବୁଥ, ବ୍ଲକ, ଜିଲ୍ଲା ଏବଂ ପ୍ରାଦେଶିକ ସ୍ତରରେ ମହିଳା କଂଗ୍ରେସ ସଂଗଠନକୁ ସୁଦୃଢ଼ କରି ଭାରତ ଯୋଡ଼ ଯାତ୍ରାକୁ ସଫଳ କରିବା ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ 'ଭାରତ ଯୋଡ଼ୋ ଯାତ୍ରା' କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେଉଛି ସେଥିରେ ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିବେ। ପ୍ରତି ବୁଥ, ପଂଚାୟତ ଏବଂ ବ୍ଲକରୁ ମହିଳାମାନେ ଏହି ଯାତ୍ରାରେ ଯୋଗଦେବେ। ବିଶେଷ କରି ବୁଥରୁ ଅନ୍ୟୁନ ଦୁଇଜଣ ଯୋଗଦେବା ପାଇଁ ସ୍ଥିର ହୋଇଛି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯ୍ୟାତନା, ହତ୍ୟା, ଗଣଦୁଷ୍କର୍ମ ବଢ଼ିଚାଲିଥିଲା ବେଳେ ନବୀନ ପଟ୍ଟନାୟକଙ୍କ 'ମା'କୁ ସମ୍ମାନ' ଆହ୍ୱାନ ଏକ ପ୍ରହଶନରେ ପରିଣତ ହୋଇଛି। ଶ୍ରୀମତୀ ପରିଡ଼ା ଅସୁରକ୍ଷିତ, ଦୁଷ୍କର୍ମ ପୀଡ଼ିତ, ନିର୍ଯ୍ୟାତିତ ଏବଂ ଅନ୍ୟାନ୍ୟ ବିପଦରେ ପଡ଼ିଥିବା ମହିଳାଙ୍କୁ ତୁରଂ ସାହାଯ୍ୟ ଯୋଗାଇଦେବାପାଇଁ ଅଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ସୁଶ୍ରୀ ନିତା ଡି ସୌଜାଙ୍କ ଦ୍ୱାରା ପ୍ରଣୀତ ଟୋଲ ଫ୍ରି ନଂ - ୧୮୦୦-୨୦୩-୦୫୮୯ ଏହି ବୈଠକରେ ଉଦ୍‌ଘାଟନ କରିଥିଲେ। ଏହି ନଂ ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ ଉଦ୍‌ଘାଟନ କରାଯିବ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ମହିଳା ସଶକ୍ତିକରଣ ପାଇଁ ଏହା ସହାୟକ ହେବ। ପ୍ରଦେଶ ମହିଳା କଂଗ୍ରେସ ର ରାଜ୍ୟ କର୍ମକର୍ତା ଓ ଜିଲ୍ଲା ସଭାପତିମାନେ ନିଜ ନିଜ ଜିଲ୍ଲାର ମହିଳାମାନଙ୍କର ସମସ୍ୟା ସଂପର୍କରେ ଅବତାରଣା କରିବା ସହ ଭାରତ ଯୋଡ଼ୋ କାର୍ଯ୍ୟକ୍ରମରେ ସେମାନଙ୍କର ଅଂଶଗ୍ରହଣ ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, 'କ୍ଷମତା ବାହାରେ ଏକ ପ୍ରତିକୂଳ ପରିସ୍ଥିତିରେ ୨୨ବର୍ଷ ଧରି ବିଜେଡ଼ି ସରକାର, ବିଜେଡ଼ି ଓ ବିଜେପିର ଭାଗୁଆଳି ସରକାର ଓ କେନ୍ଦ୍ରର ଆଠବର୍ଷର ମୋଦି ସରକାର ବିରୁଦ୍ଧରେ ମହିଳା କଂଗ୍ରେସ ନିରଂର ସଂଗ୍ରାମ କରୁଥିବାରୁ ମୁଁ ସମସ୍ତଙ୍କୁ ହୃଦୟରୁ ସାଧୁବାଦ ଜଣାଉଛି। ଶ୍ରୀ ପଟ୍ଟନାୟକ ଜନନାୟକ ରାହୁଲ ଗାନ୍ଧୀଙ୍କର ଉତୁଙ୍ଗ ନେତୃତ୍ୱ ପ୍ରତି ମୋଦି, ବିଜେପି ଏବଂ ଆରଏସଏସ ଅସହିଷ୍ଣୁ ହୋଇପଡ଼ିଛନ୍ତି। ଭାରତ ଆଜି ମୋଦି, ବିଜେପି ଏବଂ ଆରଏସଏସ ପାଇଁ ପ୍ରତିଦିନ ଭାଙ୍ଗି ତୁଟି ଯାଉଛି। ଜନନାୟକ ରାହୁଲ ଗାନ୍ଧୀ ଭାରତକୁ ଯୋଡ଼ି ରଖିବା ପାଇଁ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଭାରତ ଯୋଡ଼ୋ ଯାତ୍ରାରେ ସମସ୍ତଙ୍କର ସହଯୋଗ ଓ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ହାଣ୍ଡିଶାଳରେ ଆଜି ମହଙ୍ଗାମାଡ଼ ହୋଇଛି। ଗ୍ୟାସ ଦର ଆକାଶ ଛୁଆଁ, ନିତ୍ୟବ୍ୟବହାର୍ଯ୍ୟ ସୌଦା ଦର ଅତ୍ୟ' ବୃଦ୍ଧି ପାଇଛି। ପ୍ରତି ହାଣ୍ଡିଶାଳରୁ ପ୍ରତିବାଦର ସ୍ୱର ଉଠିଲେ ପରିସ୍ଥିତିର ପରିବର୍ତ୍ତନ ହୋଇପାରିବ। ଜାତି, ଧର୍ମ, ବର୍ଣ୍ଣ, ଭାଷା, ପୋଷାକ ଓ ଅଂଚଳ ଆଧାରରେ କେବଳ ରାଜନୈତିକ ଫାଇଦା ପାଇଁ ଭାରତକୁ ଭାଗ ଭାଗ କରିଦିଆଯାଉଛି। ସାମ୍ବିଧାନିକ ଅନୁଷ୍ଠାନ ଆଜି ବିପଦଗ୍ରସ୍ତ। ଗଣତନ୍ତ୍ରର ହତ୍ୟା ହେଉଛି। ରେଳବାଇ, ଏଲଆଇସି, ବନ୍ଦର, ଖଣି, ସରକାରୀ ଶିଳ୍ପ ଏ ସମସ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବନ୍ଧୁ ଶିଳ୍ପପତିଙ୍କ ହାତରେ ଟେକି ଦେଉଛନ୍ତି। ପେଟ୍ରୋଲ ଡିଜେଲ ଠାରୁ ଆରମ୍ଭ କରି ସମସ୍ତ ପଦାର୍ଥ ଓ ଦ୍ରବ୍ୟର ଦର ଏବଂ ବିଶେଷ କରି ମୁଢ଼ି, ଚୁଡ଼ା, ଛତୁଆ, ପେନସିଲ, କଲମ, ଖାତା ସମସ୍ତ ଜିନିଷ ଉପରେ ଜିଏସଟି ଲଗାଯାଇ ସାଧାରଣ ଜନତାଙ୍କର ରକ୍ତ ଶୋଷଣ କରାଯାଉଛି। ଏ ଦେଶକୁ ଗାନ୍ଧୀ, ନେହେରୁ, ପଟେଲ, ଶାସ୍ତ୍ରୀ, ଇନ୍ଦିରାଜୀ, ସ୍ୱାଧୀନ କରିଥିଲେ। କଂଗ୍ରେସ ନବଭାରତ ନିର୍ମାଣ କରିଛି ମାତ୍ର ସରକାର ପ୍ରତିଦିନ ଭାରତ ଭାଙ୍ଗୁଛି। ଦେଶରେ ଓ ରାଜ୍ୟରେ ମହିଳାମାନଙ୍କର ପରିସ୍ଥିତି ସଂପର୍କରେ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ମହିଳାମାନେ ବିଶେଷ କରି ନବୀନ ସରକାର ଓ ମୋଦି ସରକାର ବିରୁଦ୍ଧରେ ଶାଣିତ ସ୍ୱର ଉତୋଳନ କରିବାର ସମୟ ଆସିଛି। ଉଭୟ ଦେଶରେ ଓ ରାଜ୍ୟରେ ମହିଳା ଅସୁରକ୍ଷିତ। ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ମହିଳା କଂଗ୍ରେସର ସୁଦୃଢ଼ିକରଣ ପାଇଁ ଉପଦେଶ ଦେଇଥିଲେ। ରାଜ୍ୟରେ ୩୫ ହଜାରରୁ ଉର୍ଦ୍ଧ୍ୱ ବୁଥରେ ମାତ୍ର ଦୁଇ ଦୁଇ ଜଣ ସଂଗ୍ରାମୀ ମହିଳାଙ୍କୁ ମହିଳା କଂଗ୍ରେସରେ ସାମିଲ କଲେ ଖୁବଶୀଘ୍ର ଏକ ବୈପ୍ଳବିକ ପରିବର୍ତନ ହୋଇପାରିବ। ପରିବର୍ତନ ପାଇଁ ଅର୍ଥ ଏକ ସମସ୍ୟା ନୁହେଁ ବଂର ଲଢ଼ିବାର ମାନସିକତା ଜରୁରୀ। ମହିଳା କଂଗ୍ରେସର ଜିଲ୍ଲା, ବ୍ଲକ ଓ ବୁଥ ସ୍ତରର ସଂଗଠନକୁ ତୁରଂ ସଂପୂର୍ଣ୍ଣ ଭାବରେ ଗଠନ କରି ସେମାନଙ୍କୁ ଭାରତ ଯୋଡ଼ୋ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ଯୁଦ୍ଧକାଳୀନ ଭିତରେ ପଦକ୍ଷେପ ନିଆଯାଉ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦେଶରେ ମହିଳାମାନଙ୍କର ସଶକ୍ତିକରଣ ପାଇଁ ଉଲ୍ଲେଖନୀୟ ପ୍ରଚେଷ୍ଟା କରିଥିଲେ। ତାଙ୍କର ଉଦ୍ୟମରେ ମହିଳାମାନଙ୍କର ସଂରକ୍ଷଣ ଲୋକସଭାରେ ପାରିତ ହୋଇଛି ମାତ୍ର ରାଜ୍ୟ ସଭାରେ ଅଟକି ଯାଇଥିବା ସ୍ଥଳେ ମୋଦି ସରକାର ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଆଗାମୀ ଦଶହରା ପୂଜା ଏବଂ ମା' ଦୁର୍ଗାଙ୍କର ମହିମା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜିର ଦୁର୍ନୀତି ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନ ଓ କୁଶାସନର ପରିବର୍ତନ ପାଇଁ ପ୍ରତ୍ୟେକ ମହିଳା ମା' ଦୁର୍ଗାଙ୍କୁ ସ୍ମରଣ କରି ଦୁର୍ବାର ଆନ୍ଦୋଳନ କରନ୍ତୁ। ସେ କହିଲେ ଯେ ଏ ଦଳରେ କେବଳ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ହେଉଛନ୍ତି ସର୍ବମୟ ନେତ୍ରୀ ଏବଂ ନେତା। ଆମେ ସମସ୍ତେ ନିଜକୁ ଜଣେ କର୍ମୀ ମନେକରି କାର୍ଯ୍ୟକଲେ ସଫଳତା ବେଶି ଦୁର ନୁହେଁ। ଓଡ଼ିଶାର ଭାରତ ଯୋଡ଼ୋ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ କଂଗ୍ରେସ ବୁଦ୍ଧିଜୀବୀ, ଚାଷୀ, ଶ୍ରମିକ, ଛାତ୍ର ଏବଂ ବିଭିନ୍ନ ସାମାଜିକ ସଂଗଠନମାନଙ୍କ ସହ ଆଲୋଚନା କରୁଛି ଏବଂ ତାଙ୍କର ସହଯୋଗ ମଧ୍ୟ ଲୋଡୁଛି। ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାରର ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ବର୍ଷକୁ ଦୁଇଲକ୍ଷ ନିଯୁକ୍ତି ଦେବାକୁ କହିଥିଲେ। ୨୨ ବର୍ଷରେ ୪୪ ଲକ୍ଷ ଦେବା କଥା ତାହା ସମ୍ଭବ ହୋଇପାରିଲା ନାହିଁ। ସରକାରୀ ଚାକିରୀ ବିକ୍ରି ହେଉଛି। ଦାରିଦ୍ର୍ୟ, ବେକାରୀ, ନାରୀ ନିର୍ଯ୍ୟାତନା, ଦାଦନ ଓ କ୍ଷୁଧିତଙ୍କ ସଂଖ୍ୟା କ୍ଷେତ୍ରରେ ଦେଶରେ ଓଡ଼ିଶା ଏକନମ୍ବର ସ୍ଥାନର ଅପବାଦ ମୁଣ୍ଡାଇ ଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏକନମ୍ବର ପୁରସ୍କାର ଯୋଗାଡ଼ କରିବାରେ ବ୍ୟସ୍ତ। ଓଡ଼ିଶାରେ ୧୦୦ ଦିନର ପଦଯାତ୍ରାରେ ୨୦ ଲୋକସଭା ନିର୍ବାଚନ ମଣ୍ଡଳୀ, ୨୬ଟି ଜିଲ୍ଲା ଓ ୨୨୫୦ କିଲୋମିଟର ଅତିକ୍ରମ କରାଯିବ। ପରିଶେଷରେ ଲକ୍ଷ ଲକ୍ଷ ଓଡ଼ିଶାବାସୀଙ୍କୁ ନେଇ ଭୁବନେଶ୍ୱରରେ ରାହୁଲ ଗାନ୍ଧୀଙ୍କର ସଭା ଅନୁଷ୍ଠିତ ହେବ। ସମସ୍ତଙ୍କର ସହଯୋଗ, ଦୃଢ଼ ମାନସିକତା ଏବଂ ପ୍ରତିବଦ୍ଧତା ରହିଲେ ଓଡ଼ିଶାରେ କଂଗ୍ରେସ ସରକାର ପ୍ରତିଷ୍ଠା ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଜୟଲକ୍ଷ୍ମୀ ସାହୁ, ସୁଶିଳା ତିରିଆ, ସାବିତ୍ରୀ ଚୌଧୁରି ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନେହଲତା ରାୟ, ଦେବସ୍ମିତା ସାମଲ, ସ୍ୱାଧୀନବାଳା ଦାସ, ବିନ୍ଧାବିନୀ ସାହୁ, ପ୍ରଣତି ମିଶ୍ର, ମଂଜୁଶ୍ରୀ କଳ୍ପନା ରାଉତରାୟ, ମନଜା ମରି ଦେବୀ, ସୁବାଶିନି ମହାକୁଡ଼, ପ୍ରତିମା ମଲ୍ଲିକ, କୁସୁମ ପ୍ରଧାନ, ରୁପାଦିପ୍ତା ମହାପାତ୍ର, ସରୋଜିନି ବାକ୍ରା, ନିର୍ମଳା ମଲ୍ଲିକ, ରିତାଶ୍ରୀ ମହାନ୍ତି, ମହେନ୍ଦ୍ରୀ ସାହୁ, ସମସିଦା ତାୟବ, ଏଲ ମାଣିକ ପ୍ରଭା, ନିରୁପମା ପାତ୍ର, ରୀନା ସ୍ୱାଇଁ, କନକଲତା ମଲ୍ଲିକ, ସଂଗୀତା ସିଂ, ପ୍ରଭାବତି ପଟ୍ଟନାୟକ, ସୂର୍ଯ୍ୟକାନ୍ତି ବାକ, ବୈଜୟନ୍ତୀବାଳା ଦାସ, ମୋନାଲିସା ଦାସ, ସବିତା ଚାନ୍ଦ, ଶ୍ରୀୟାସ୍ମିତା ପଣ୍ଡା, ଅଣ୍ଣପୂର୍ଣ୍ଣା ସାହୁ, କବିତା ମହାକୁଡ଼, ମୋତି କୈବର୍ତ, ରୁଦ୍ର ମଲ୍ଲିକ, ଶୋଭା ସିଂ, ଚୈତାଳି ପଟ୍ଟନାୟକ, ଦିପ୍ତି ପ୍ରଧାନ, ତପସ୍ୱିନୀ ବିଶ୍ୱାଳ, ପ୍ରଜ୍ଞାପରମିତା ମହାନ୍ତି, ଉର୍ବଶୀ ମିଶ୍ର, ସସ୍ମିତା ଘୋଷାଲ, ସିଲି ସେଠୀ, ସୁଭଦ୍ରା ମିଶ୍ର, ସ୍ମିତାରାଣୀ ସାମଲ ପ୍ରମୁଖ ବହୁ ମହିଳା କଂଗ୍ରେସ କର୍ମୀ ଏହି ସଭାରେ ଯୋଗଦେଇଥିଲେ।

# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

**ଅକ୍ଷୟ କୁମାର ରାଉତ**



ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟ ସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, ଅନ୍ଧାଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତାଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।

ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍‌ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍। ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ। ଏକ ସ୍ଥାନୀୟ ବିଦ୍ୟାଳୟରେ ମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ। ଦାରିଦ୍ର୍ୟ ତାଙ୍କୁ ୧୩ବର୍ଷ ବୟସରେ ପାଠପଢାରେ ଡ଼ୋରି ବାନ୍ଧି ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହିଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବରକାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହିବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର୍ୟ ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରି ନ ଥିଲେ, କିନ୍ତୁ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହିଗୁଡ଼ିକୁ ପଢୁଥିଲେ। ମାର୍ସେଟ୍‌ଙ୍କ ରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇକ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହିପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋଡ଼କ୍‌ସନ ଟୁ କେମେଷ୍ଟ୍ରିର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ। ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବର୍ଟଙ୍କଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ନିଜକୁ ପ୍ରସ୍ତୁତ କରିପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା ଲାଫିଙ୍ଗ ଗ୍ୟାସ୍। ଏହାର ପ୍ରସ୍ତୁତକର୍ତା ସାର୍ ହମ୍ପ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁଟରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡାଭେଙ୍କ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନ ପ୍ରତି ଆଗ୍ରହ, ତୀକ୍ଷ୍ଣ ଶ୍ରୁତିଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁଟରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତ ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍। ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େଙ୍କୁ ପୁନଶ୍ଚ ଚାକିରି ଦେବା ପାଇଁ ଡାଭେ ପ୍ରତିଶ୍ରୁତି ଦେଲେ। ଡାଭେଙ୍କ ସ୍ତ୍ରୀ ଜେନ୍ ଡାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ। ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ।

ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସକୁ ପ୍ରମାଣିତ କରିଥିଲେ। ୧୮୧୬ ମସିହା ଜାନୁଆରୀ ମାସ ୧୭ ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ



ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ଙ୍କ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜ ପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେଞ୍ଜିନ୍‌କୁ ଆବିଷ୍କାର କରି ତାହାକୁ ତନ୍ ତନ୍ କରି ବିଶ୍ଲେଷଣ କରିଥିଲେ।

୧୮୨୩ ମସିହା ମେ' ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତ୍ତର ଓ ଦକ୍ଷିଣ ଦିଗକୁ ମୁହାଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟସରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିକ୍ଷ ଅନୁଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍ସଫର୍ମର ଓ କିଛିଦିନ ପରେ ଡାଇନାମୋର ଉଦ୍ଭାବନ କରିଥିଲେ।

ବ୍ରିଟେନର ପ୍ରଧାନମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଲର୍ଡ଼ ମେଲ୍‌ବୋର୍ଣ୍ଣ ପେନ୍‌ସନ୍ ଦେଇନଥିଲେ, ପରେ ପ୍ରଧାନମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର, ଜେନେରେଟର ଓ ଟ୍ରାନ୍ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସାୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ କଳଚୋଣା ସମ୍ପର୍କରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚିତ Experimental Researches in chemistry and physics Gaõ The Chemical History of a Candal ପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

*-ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫*

## ଆଇଚର ଟ୍ରକ ଦୁର୍ଘଟଣାଗ୍ରସ୍ତ, ୫ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ଶଙ୍ଖାରୀଡିହ ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ଆଇଚର ଗାଡି ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇ ତଳକୁ ଖସିପଡିବା ଫଳରେ ୫ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ କଲିକତା ଅଂଚଳର କିଛି କୁକୁଡା ବ୍ୟବସାୟୀ ଏକ ଆଇଚର ଗାଡିରେ କୁକୁଡା ଆଣିବା ପାଇଁ ବାଲିଚନ୍ଦ୍ରପୁର ଥାନା ଚାରିଲଙ୍ଗଳ ଅଂଚଳକୁ ଯାଉଥିଲେ । ତେବେ ସଙ୍ଖାରୀଡିହ ନିକଟରେ ଆଇଚର ଗାଡିର ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇ ୧୦ ଫୁଟ ତଳେ ଥିବା ବାଇପାସ ରାସ୍ତା ଉପରେ ଖସିପଡିଥିଲା । ଫଳରେ ଆଇଚର ଗାଡିରେ ବସିଥିବା କଲିକତା ଅଂଚଳର ତବିର ଗାଜି (୨୪), ହାଫିଜୁଲ ଫକିର (୩୦), ଅମିରୁଲ ଫକିର (୩୩) ଓ ଅନ୍ୟ ୨ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଧର୍ମଶାଳା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

## ଜାରକା ଶିଳ୍ପାଂଚଳରୁ ବାଇକ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଶିଳ୍ପାଂଚଳରୁ ଏକ ବାଇକ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଜାରକା ପଣ୍ଡୁଆ ଅଂଚଳରେ ଭଡା ଘରେ ରହୁଥିବା ବିଜୟ କୁମାର ସାମଲ ଘର ଆଗରେ ନିଜର ଓଆର-୦୪-ଏନ-୮୯୬୨ ନଂ ବାଇକ ଗାଡି ରଖିଥିବା ବେଳେ କେହି ଦୁର୍ବୃତ ତାଙ୍କ ବାଇକକୁ ଚୋରି କରି ନେଇଥିଲେ । ଏନେଇ ସେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଁଚି ସିସିଟିଭି ଫୁଟେଜ ଯାଂଚ କରିଛି । ଜଣେ ଅଭିଯୁକ୍ତ ବାଇକଟିକୁ ଚୋରି କରି ନେଉଥିବା ସିସିଟିଭିରେ ଦେଖିବାକୁ ମିଳିଛି । ଖୁବଶିଘ୍ର ଚୋରୀ ବାଇକକୁ ଉଦ୍ଧାର କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

## ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ୍)- ବେଗୁନିଆ ଥାନା ଅନ୍ତର୍ଗତ ଛିମାପଲ୍ଲୀ ଗ୍ରାମରେ ଶୁକ୍ରବାର ଦିନ ବିଳମ୍ବିତ ରାତ୍ରିରେ ଜନୈକ ବୃଦ୍ଧା ପରିଶ୍ରା କରିବା ପାଇଁ ବାଡିପଟକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ଦଂଶନ କରିଦେଇଥିଲା। ଏ ନେଇ ପରିବାର ଲୋକମାନେ ତୁରନ୍ତ ଚିକିତ୍ସା ନିମିତ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ଏଥିରେ ଡାକ୍ତର ମୃତ ଘୋଷଣା କରିବାରୁ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ବୃଦ୍ଧା ଜଣକ ହେଉଛନ୍ତି ଝରି ଦେଇ (୬୦)।

## +୨ ଜୁନିଅର କଲେଜରେ ସ୍ପଟ ନାମଲେଖା ଶେଷ

ଧର୍ମଶାଳା (ପିଏନ୍): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଲେଜଗୁଡିକରେ ଗତ ଗୁରୁବାରଠାରୁ ସ୍ପଟ ନାମଲେଖା ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି । ଧର୍ମଶାଳା ବ୍ଲକର ୮ ଗୋଟି ଜୁନିଅର କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୨୪୫୨ ଥିବା ବେଳେ ଶେଷ ପର୍ଯ୍ୟାୟ ସ୍ପଟ ଆଡମିସନ ପରେ ୨୦୨୮ଜଣ ନାମ ଲେଖାଇଛନ୍ତି । ଫଳରେ ଉକ୍ତ ଜୁନିଅର କଲେଜରେ ୪୨୪ ସିଟ ଖାଲି ପଡିଛି । ଏହି ବ୍ଲକର ୮ ଗୋଟି କଲେଜରେ କଳାରେ ୧୬୦୦ରୁ ୧୪୦୦, ବିଜ୍ଞାନରେ ୭୭୮ରୁ ୬୧୫ ଓ ବାଣିଜ୍ୟରେ ୬୪ରୁ ୧୩ଜଣ ନାମ ଲେଖାଇଛନ୍ତି । ଧର୍ମଶାଳା +୨ କଲେଜରେ କଳାରେ ୨୫୫ ନାମ ଲେଖାଇଥିବା ବେଳେ ଗୋଟିଏ ସିଟ୍ ଖାଲି ରହିଛି। ବିଜ୍ଞାନରେ ୧୬୨ଜଣ ନାମ ଲେଖାଇଥିବା ବେଳେ ୨୮ଟି ସିଟ ବଳକା ରହିଛି। ସେହିପରି ବାଣିଜ୍ୟରେ ୧୩ଜଣ ନାମ ଲେଖାଇଥିବା ବେଳେ ୪୧ଟି ସିଟ ବଳକା ରହିଛି । ବଜ୍ରଗିରି +୨ କଲେଜରେ କଳାରେ ୩୦୬ଜଣ ନାମ ଲେଖାଇଥିବା ବେଳେ ୧୪ ସିଟ ଖାଲିରହିଛି ଓ ବିଜ୍ଞାନରେ ସମସ୍ତ ୯୬ ସିଟ ପୂରଣ ହୋଇଯାଇଛି । ଜଗନ୍ନାଥଜୀୟୁ +୨ କଲେଜରେ କଳାରେ ୨୦୨ଜଣ ନାମଲେଖାଇଥିବା ବେଳେ ୫୪ ସିଟ ବଳକା ରହିଛି। ସେହିପରି ବିଜ୍ଞାନରେ ସମସ୍ତ ୬୪ଟି ସିଟ ପୂରଣ ହୋଇଯାଇଛି । ଧର୍ମଶାଳା ମହିଳା +୨ କଲେଜରେ କଳାରେ ୧୧୮ଜଣ ନାମ ଲେଖାଇଥିବା ବେଳେ ୧୦ଟି ସିଟ ବଳକା ରହିଛି । ଜେନାପୁର+୨ କଲେଜ କଳାରେ ୨୫୫ଜଣ ନାମ ଲେଖାଇଥିବା ବେଳେ ଗୋଟିଏ ସିଟ ବଳକା ରହିଛି । ରେନେସାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୦ଜଣ ନାମ ଲେଖାଇଥିବା ବେଳେ ୧୦୮ ଗୋଟି ସିଟ ବଳକା ରହିଛି ଓ ବିଜ୍ଞାନରେ ୧୫୩ ଜଣ ନାମ ଲେଖାଇଥିବା ବେଳେ ୭ ଗୋଟି ସିଟ ବଳକା ରହିଛି । ସେହିପରି ମୁକୁନ୍ଦ ପାତ୍ର +୨ କଲେଜରେ କଳାରେ ୨୨୪ଜଣ ନାମ ଲେଖାଇଥିବା ବେଳେ ୧୨ ଗୋଟି ସିଟ ବଳକା ରହିଛି ଓ ବିଜ୍ଞାନରେ ୮୫ଜଣ ନାମ ଲେଖାଇଥିବା ବେଳେ ୧୧୧ ଗୋଟି ସିଟ ବଳକା ରହିଛି । ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୫୫ଜଣ ନାମ ଲେଖାଇଥିବା ବେଳେ ୨୫ ଗୋଟି ସିଟ ବଳକା ରହିଛି ବୋଲି ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି । ବଳକା ସିଟ ଥିବା କଲେଜରେ ନାମ ଲେଖାଇପାରି ନଥିବା ଛାତ୍ରଛାତ୍ରୀମାନେ ପୁନଶ୍ଚ ଗତ ୧୦ ତାରିଖରୁ ୨୭ ତାରିଖ ମଧ୍ୟରେ ଆବେଦନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ଯେଉଁ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିନାହାନ୍ତି, ସେମାନେ ବଳକା ସିଟ ଥିବା କଲେଜରେ ନାମ ଲେଖାଇପାରିବେ ବୋଲି ଜଣାଯାଇଛି ।

## ସ୍ୱୟଂସହାୟକ ଗୋଷ୍ଠୀ ଅର୍ଥ ହଡପ କରି ଫେରାର ଥିବା ବ୍ୟାଙ୍କ ମିତ୍ର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଂଚାୟତର ୬୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡପ କରି ଫେରାର ଥିବା ବ୍ୟାଙ୍କ ମିତ୍ରକୁ ଗତକାଲି ପୁଲିସ ଗିରଫ କରିଛି । ସୂଚନା ମୁତାବକ କବାଟବନ୍ଧସ୍ଥିତ ଗ୍ରାମ୍ୟବ୍ୟାଙ୍କର ବ୍ୟାଙ୍କ ମିତ୍ର ଇନ୍ଦୁମତି ପୃଷ୍ଟିଙ୍କ ମାଧ୍ୟମରେ ଏଣ୍ଡଲବା ପଂଚାୟତର ବ୍ୟାଙ୍କରୁ ଋଣ ନେଇଥିବା ସ୍ୱୟଂସହାୟକ ଗୋଷ୍ଠୀ ଋଣ ପରିଶୋଧ କରିଥିଲେ । ହେଲେ ବ୍ୟାଙ୍କ ମିତ୍ର ଏହି ଟଙ୍କାକୁ ବ୍ୟାଙ୍କରେ ଜମା ନକରି ହଡପ କରିନେଇଥିଲେ । ଏହି ଘଟଣା ଜଣାପଡିବା ପରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କ ପରିଚାଳିକାଙ୍କୁ ଭେଟି ଅବଗତ କରାଇଥିଲେ । ବ୍ୟାଙ୍କ ମିତ୍ର ଇନ୍ଦୁମତୀ ଏହା ଜାଣିବା ପରେ କେଉଁଆଡେ ଫେରାର ହୋଇଯାଇଥିଲେ । ଏଥିନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ଗତକାଲି ରାତିରେ ଇନ୍ଦୁମତୀ ଘରେ ଚଢାଉ କରି କିଛି କାଗଜପତ୍ର ଜବତ କରିଥିଲେ । ହେଲେ ଫେରାର ବ୍ୟାଙ୍କ ମିତ୍ର ଇନ୍ଦୁମତି ଥାନାରେ ଆତ୍ମସମର୍ପଣ କରିଥିଲେ । ପୁଲିସ ତାଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୨

# ପରିବାର



ସୃଷ୍ଟି ବିକାଶର ଦୁଇଟି ମୁଖ୍ୟ ସ୍ତମ୍ଭ ହେଉଛନ୍ତି ପୁରୁଷ ଆଉ ନାରୀ। ସେମାନଙ୍କ ମିଳନ ଓ ଉଦ୍ୟମରେ ସୃଷ୍ଟିର ଧାରା ବିସ୍ତାରିତ ହୋଇଛି। ପରମାତ୍ମାଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥିବା ବିଶାଳ ସଂସାର ବୃକ୍ଷର ମୌଳିକ ରୂପ ହେଲେ ପୁରୁଷ ଓ ନାରୀ। ସେମାନେ ପତି ପତ୍ନୀ ରୂପରେ ଗଢ଼ିଲେ ପରିବାର। ପରିବାରର ବିସ୍ତାରରେ ବିସ୍ତାରିତ ହେଲା ସଂସାର। ଭାରତୀୟ ପରମ୍ପରାରେ ସନାତନ ସଂସ୍କୃତିର ମନୁ ଓ ସତରୂପାଙ୍କୁ ଆଦିପୁରୁଷ ଓ ଆଦ୍ୟାନାରୀ ଭାବେ ବିବେଚନା କରାଯାଏ। ମନୁ ମହାରାଜ ଯାହା ଯାହା ମାନବ କଲେ ସେହି ସତରୂପା ସେହି ସେହି ରୂପରେ ଅଭିବ୍ୟକ୍ତ ହୋଇଗଲେ। ନାରୀ ପୁରୁଷଙ୍କ ମିଳନରେ ସୃଷ୍ଟିର ବିକାଶର ଧାରା ପରିବ୍ୟାପ୍ତ ହେଲା। ନାରୀ ହେଲେ ପୁରୁଷର ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ସହକର୍ମୀଣୀ ପ୍ରାଣପ୍ରିୟା ପତ୍ନୀ। ପତି ପତ୍ନୀଙ୍କୁ ନେଇ ଧର୍ମ ସାଧନାର କେନ୍ଦ୍ର ରୂପେ ଗଢ଼ି ଉଠିଲା ପରିବାର।

ସନାତନ ସଂସ୍କୃତିରେ ଚତୁର୍ବର୍ଗ ପ୍ରାପ୍ତି ସହିତ ପରିପୂର୍ଣ୍ଣ ଜୀବନ ଯାପନ ବିଷୟରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସୁଖଦ ସୁନ୍ଦର ଶୃଙ୍ଖଳିତ ଜୀବନ ସହିତ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ମାନବର ଜୀବନ କାଳକୁ ଚାରିଗୋଟି ଆଶ୍ରମରେ ବିଭକ୍ତିକରଣ କରାଯାଇଛି। ସେ ସବୁ ହେଲେ-ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ଏକ ପରିପୂର୍ଣ୍ଣ ଜୀବନର କାଳଖଣ୍ଡକୁ ଯଦି ଶହେ ବର୍ଷ କଳନା କରାଯାଏ ତେବେ ପ୍ରଥମ ୨୫ ବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମ। ଏହା ହେଲା ବିଦ୍ୟାର୍ଥୀ ଜୀବନ। ଏହି ଆଶ୍ରମରେ ଜୀବନ ନିର୍ମାଣର ଭିତ୍ତି ସ୍ଥାପନ ହୋଇଥାଏ। ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ସୁଦୃଢ଼ ଗାର୍ହସ୍ଥ୍ୟ ଜୀବନ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ରମ। ଗାର୍ହସ୍ଥ୍ୟ ଧର୍ମ ପାଳନ ଅତ୍ୟନ୍ତ କଠିନ। ଏହି ଆଶ୍ରମରେ ସୃଷ୍ଟି କରିବାର, ପୋଷଣ କରିବାର ଏବଂ ଉତ୍ତରଦାୟିତ୍ୱ ନିର୍ବାହର କ୍ଷମତା ନ୍ୟସ୍ତ ଥାଏ। ଅନ୍ୟ ତିନିଗୋଟି ଆଶ୍ରମ ସେମାନଙ୍କ ଜୀବନ ନିର୍ବାହ ପାଇଁ ଏହି ଆଶ୍ରମ ଉପରେ ନିର୍ଭରଶୀଳ ଥାଆନ୍ତି। ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ କରିବ, ବାନପ୍ରସ୍ଥ ତୀର୍ଥାଟନ ଓ ଅନୁଭୂତି ଅର୍ଜନରେ ସମୟ ଅତିବାହିତ କରିବ। ସନ୍ୟାସୀ ସବୁର ନ୍ୟାସ କରି ଆତ୍ମଚିନ୍ତନରେ ମଗ୍ନ ରହିବ। ହେଲେ ଏହି ସମସ୍ତଙ୍କର ଭରଣପୋଷଣ, ଜୀବନଧାରଣ, ସେବା ଶୁଶ୍ରୂଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ଆଦି ସବୁ ଦାୟିତ୍ୱ ଗୃହସ୍ଥ ଉପରେ ଥାଏ। କଠୋର ପରିଶ୍ରମ କରି ନିଜେ ଆୟ କରିବ, ତା' ଆୟରେ ଅନ୍ୟମାନଙ୍କୁ ପୋଷଣ କରିବ ଏବଂ ନିଜେ ମଧ୍ୟ ତ୍ୟାଗ ଭାବ ନେଇ ଜୀବନ ନିର୍ବାହ କରିବ। ଏହା ହେଉଛି ଜଣେ ଗୃହସ୍ଥ ପାଇଁ ଆତ୍ମକଲ୍ୟାଣର ପ୍ରକୃଷ୍ଟ ମାର୍ଗ।




ପିତାମାତା ପୂଜ୍ୟ ହେଲେ ପତିପତ୍ନୀ ହେଉଛନ୍ତି ଆତ୍ମିକ ଏକତାର ଏକ ଭୂତ ବିଗ୍ରହ। ଜଣେ ପୁରୁଷ ଆଉ ଜଣେ ପ୍ରକୃତି, ଜଣେ ଶିବ ହେଲେ ଆଉ ଜଣେ ଶକ୍ତି। ସେଇଥିପାଇଁ ତ' ସବୁ ଦେବତାଙ୍କ ପାଖରେ ତାଙ୍କ ପତ୍ନୀ ଶୋଭା ପାଆନ୍ତି। ଶକ୍ତି ରୂପରେ ପୂଜା ପାଆନ୍ତି। ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛନ୍ତି ଶିବ। ଶିବଙ୍କ ପରିବାର ଏକ ଦିବ୍ୟ ପରିବାର। ପତି ସର୍ବତ୍ୟାଗୀ ଶ୍ମଶାନବାସୀ, ପତ୍ନୀ ଐଶ୍ୱର୍ଯ୍ୟଂପଶ୍ୟା ରାଜକନ୍ୟା। ସମସ୍ତ ଐଶ୍ୱର୍ଯ୍ୟକୁ ପାଦରେ ଆଡ଼େଇ ଦେଇ ଲଙ୍ଗଳା ଫକୀରର ସେବା ପାଇଁ କଠୋର ତପସ୍ୟାରତ ସନ୍ତାନମାନେ ମଧ୍ୟ ବିଚିତ୍ର ରୁଚିର। ସମସ୍ତଙ୍କର ବାହାନ ଭିନ୍ନ ଧର୍ମୀ। ଖାଦ୍ୟ ଖାଦକ ସମ୍ପର୍କ। ହେଲେ ସମସ୍ତ ବିଭେଦ ସତ୍ତ୍ୱେ, ଆଦର୍ଶ ବିଭିନ୍ନତା ଭିତରେ ଏକତ୍ୱ ଭାବନାର ମଧୁର ସମନ୍ୱୟ ହେଉଛି ଶିବଙ୍କ ପରିବାର। ତ୍ୟାଗ ଭୋଗର ଅପୂର୍ବ ସମନ୍ୱୟ। ତେଣୁ ଭାରତୀୟ ସନାତନ ସଂସ୍କୃତିରେ ଶିବ ହେଉଛନ୍ତି ସମସ୍ତଙ୍କ ପାଇଁ ପରମ ଆଦର୍ଶ। 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ଆମ ପୂର୍ବପୁରୁଷମାନେ ସାରା ବସୁଧାକୁ ଆପଣା ପରିବାର ବୋଲି ବିଚାର କରିଛନ୍ତି- 'ବସୁଧୈବ କୁଟୁମ୍ବକମ୍' ଖାଲି ଏହି ପୃଥିବୀ ନୁହେଁ ତିନି ଭବନ ମୋର ଦେଶ। ସ୍ୱଦେଶ ଭୂବନ ତ୍ରୟମ ଏକ ପରିବାର ବିଶ୍ୱ ପରିବାର। ଯେଉଁ ପୂର୍ବପୁରୁଷମାନେ ଏହିଭଳି ବିଶାଳ ହୃଦୟବାନ ଥିଲେ ଆମେସବୁ ସେହି ମହାନ ଧରୋଉରର ଉତ୍ତରଦାୟାଦ। ଆମେ ସମସ୍ତେ ଏକ ଆଉ ଅଭିନ୍ନ। ଏକ ପରିବାର। ଆସ ଆମେ ଆମ ପୂର୍ବପୁରୁଷଙ୍କୁ ସ୍ମରଣ କରିବା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା। ପ୍ରେମର ପ୍ଲାବନରେ ସାରା ବିଶ୍ୱରୁ ସମସ୍ତ ପାପ, ତାପ, ଦୁଃଖ, ଦୈନ୍ୟ, ଭୟ, ଆତଙ୍କକୁ ଧୋଇ ଦେବା। ସୁଖ, ଶାନ୍ତି, ଆନନ୍ଦମୟ ଦିବ୍ୟ ପରିବାର ଗଢ଼ିବା। ଆମର ଦୃଢ଼ ମୂଳଦୁଆ ଅଛି। ସେହି ମୂଳଦୁଆରେ ଆମେ ସୁଖ ଶାନ୍ତି ଆନନ୍ଦର ପ୍ରେମ ଭବନ ନିର୍ମାଣ କରିବା।

**ହେମନ୍ତ କୁମାର ପରିଡ଼ା,** ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

## ଆଜିର ଅନୁଚିନ୍ତା

ନିରାଶାବାଦୀ ନହୋଇ ସର୍ବଦା ଆଶାବାଦୀ ହେଲେ ପ୍ରକୃତ ଶାନ୍ତି ମିଳେ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତୀୟ ସମାଜରେ ଧାର୍ମିକ ସହାବସ୍ଥାନର ପ୍ରତିବିମ୍ବ

ଚୌଧୁରୀ ବରଦାପ୍ରସନ୍ନ ଦାସ





ପଡ଼ୋଶୀ ମନୋଭାବ ଭାରତୀୟ ସଂସ୍କୃତିର ଅନ୍ତଃସ୍ୱର। ଲିଖିତ ଇତିହାସର ବହୁ ଆଗରୁ ଉପନିଷଦରେ "ବସୁଧୈବ କୁଟୁମ୍ବକମ୍"ର ସ୍ୱର ନିନାଦିତ ହୋଇଥିଲା। ସମୟର ପ୍ରବାହ ଭିତରେ ଏହି ମହାନ୍ ଚିନ୍ତନର ଦିଗ୍‌ଦର୍ଶନ ସୁସ୍ପଷ୍ଟ। ଏହାର ଭାବାର୍ଥ ସୁଖବୋଧ ଏବଂ ପ୍ରତ୍ୟେକ ସାଧାରଣ ମଣିଷ ପାଇଁ ମଧ୍ୟ ଅନୁଭବ୍ୟ। ଏଠାରେ ସ୍ମରଣଯୋଗ୍ୟ ଯେ ଆଧ୍ୟାତ୍ମିକତା ମହାନ୍ ଭାରତୀୟ ସଂସ୍କୃତିର ମୂଳପିଣ୍ଡ। ଲୋକ କଲ୍ୟାଣ ହିଁ ଧର୍ମର ଆଧାର। ଅବଶ୍ୟ ଧିରେଧିରେ ଧର୍ମର ପାଳନରେ ବହୁ ଲୋକାଚାର ସୃଷ୍ଟି ହୋଇ ପ୍ରାଧାନ୍ୟ ଲାଭ କରିଛି। ଏପରିକି ସଂପ୍ରଦାୟମାନ ମଧ୍ୟ ଗୁରୁତ୍ୱ ଲାଭ କରିଛନ୍ତି। ଅନେକ ସମୟରେ ଶାସକର ଚରିତ୍ର, ଆଭିମୁଖ୍ୟ, ଖିଆଲ କିମ୍ବା କ୍ଷମତା ହାସଲର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ଅନେକ ସ୍ଥଳରେ ଭୌଗୋଳିକ ପରିବେଶଜନିତ ଆବଶ୍ୟକତା ଧର୍ମର ଆଚରଣ ଓ ପାଳନର ଧାରାକୁ ବିଶ୍ୱରେ ନିୟନ୍ତ୍ରିତ କରି ଆସିଛି ଏବଂ ପରିଚାଳିତ କରିଛି ମଧ୍ୟ। ଆମେ ଧର୍ମର ମୂଳମନ୍ତ୍ରକୁ ମୁକ୍ତମନ ନେଇ ଚିନ୍ତାକଲେ ଅନୁଭବ କରିବା ଏହା ସଂକୀର୍ଣ୍ଣତା ନୁହେଁ, ସମଗ୍ର ମାନବଜାତିର କଲ୍ୟାଣ କାମନା କରୁଛି। ଉଦାହରଣସ୍ୱରୂପ ଏ କ୍ଷେତ୍ରରେ ଯଦି ଆମେ ହିନ୍ଦୁ ପରଂପରାରେ ଥିବା କେବଳ କଳସୀ ସ୍ଥାପନର ବେଦମନ୍ତ୍ରଟିକୁ ଶୁଣିବା ତେବେ ଏଇ ମନ୍ତ୍ର, ଧରିତ୍ରୀକୁ ବଂଚିବାପାଇଁ ଦୋହନ କରିବାକୁ ଆହ୍ୱାନ ଦେବା ସଂଗେ ସଂଗେ ଧରିତ୍ରୀକୁ ଉପଭୋଗ କରିବକୁ ଓ ହିଂସା ନ କରିବାକୁ ମାନବ ସମାଜକୁ ଆକୁଳରେ ନିବେଦନ କରୁଛି। ମନେରଖିବା କେବଳ ଧରିତ୍ରୀର ଏକ (ବୀଜ)କୁ ଅନେକ (ଶସ୍ୟ ଭଣ୍ଡାର) କରିବାର ଶକ୍ତି ରହିଛି। ଧରଣୀ ମାତୃକାର ଏଇ ଚରିତ୍ରକୁ ନେଇ ନିଶ୍ଚୟ "ବସୁଧୈବ କୁଟୁମ୍ବକମ୍" ଚିନ୍ତନ ସୃଷ୍ଟ। ପରିତାପର ବିଷୟ ଏଇ ମହାନ ଚିନ୍ତନ ତୃଣମୂଳଠାରୁ ଆରଂଭ କରି ସମଗ୍ର ବିଶ୍ୱ ପର୍ଯ୍ୟନ୍ତ ବିପଦଗ୍ରସ୍ତ। ସହାବସ୍ଥାନ ଅପେକ୍ଷା ସାଂପ୍ରଦାୟିକତା ରହିଛି ଆଗରେ।

ଗବେଷଣା ଅନୁଧ୍ୟାନ ଓ ସଂବାଦ ପ୍ରସାର କ୍ଷେତ୍ରରେ ସାଂପ୍ରଦାୟିକତାର କାରଣ, କରୁଣ ପରିଣତି ଆଦି ବହୁଳ ଭାବରେ ଆଲୋଚିତ। ଏ କ୍ଷେତ୍ରରେ ବହୁ ଗବେଷଣା ହୋଇଛି ଓ ସଂଦର୍ଭ ଆଦି ପ୍ରକାଶିତ ହୋଇଛି। କିନ୍ତୁ ଏ ସମସ୍ତ ପ୍ରକାରର ବିଭେଦ, ଅବିଶ୍ୱାସ, ଅସହିଷ୍ଣୁତା ଭିତରେ ଆମ ସଂସ୍କୃତିରେ ଅନେକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସହିଷ୍ଣୁତାର ଚିତ୍ର ରହିଛି। ଏଇସବୁ କ୍ଷୁଦ୍ର ପରଂପରାମାନ (Little Tradition) ମଧ୍ୟ ଅନେକ ଶତାବ୍ଦୀ ଧରି ଚଳି ଆସିଛି। ଏହା ପ୍ରାୟ ଗବେଷକ ତଥା ସମାଜିକ କର୍ମୀ ମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। କେହି କେହି କହନ୍ତି ଏସବୁ "ବ୍ୟତିକ୍ରମର ଚିତ୍ର" ଓ ଏହାକୁ ନେଇ ଏକ ସାର୍ବଜନୀନ ମାର୍ଗଦର୍ଶୀ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। କିନ୍ତୁ ଏସବୁ ଚିତ୍ରକୁ ସଂକଳିତ (Documentation) କରିବା ଓ କେଉଁ କେଉଁ ଅନୁକୂଳ କାରଣବଶତଃ ଏହା ଦୀର୍ଘଦିନ ଧରି ବଂଚି ରହିଛି କିମ୍ବା ନୂତନ ଭାବେ କିଛି ପରଂପରା ସୃଷ୍ଟି ହେଉଛି ତାହାର ଆଲୋଚନା ହେବା ଉଚିତ। ଯଦିଓ ଏପରି ବହୁ ସଂବାଦ ଦୈନିକ ଖବରକାଗଜ ମାନଙ୍କରେ ପ୍ରକାଶିତ ହେଉଛି ତାହା ଏତେଟା ଦୃଷ୍ଟି ଆକର୍ଷଣକାରୀ କିମ୍ବା ପ୍ରଭାବୀ ହେଉନାହିଁ। ଅବଶ୍ୟ ସାଂପ୍ରଦାୟିକତା ହିଂସା, ବିକୃତ ମାନସିକତାର ନିଆଁଟା ଜଂଗଲ ନିଆଁ ପରି ବ୍ୟାପେ ଓ ବିଧ୍ୱଂସୀ ହୁଏ ମଧ୍ୟ। ସ୍ୱତଃପ୍ରବୃତ ଭାବେ ପାଖାପାଖି ଦୁଇଦଶନ୍ଧିଧରି ଏଇ ଲେଖକ ନିରନ୍ତରଭାବେ ଆମ ସମାଜରେ ଅନୁସୃତ ହେଉଥିବା ସମନ୍ୱୟକୁ ଅନୁଧ୍ୟାନ କରି ପୁତ୍ରବଧୂ ଶ୍ରୀମତୀ ଅଭୀପ୍‌ସା ମହାନ୍ତିଙ୍କ ସହ "ଅଭିନ୍ନ ବସୁମତୀ" (Indivisible Earth) ଶୀର୍ଷକ ପୁସ୍ତକଟିଏ ରଚନା କରିଛି। "ଅଭିନ୍ନ ବସୁମତୀ" (୨୦୨୧) ପୁସ୍ତକଟି ଧାର୍ମିକ ସହାବସ୍ଥାନ, ସହଯୋଗ ଆଦିର ଅନେକ ଚିତ୍ରକୁ ନେଇ ଚିତ୍ରିତ। କେତୋଟି ଘଟଣା ନିମ୍ନରେ ଉପସ୍ଥାପନା କରାଗଲା।

୨୦୦୪ ମସିହାରେ ଜଗତସିଂହପୁର ଜିଲ୍ଲାର ବାଲିକୁଦାଠାରେ ଟେଲିଫୋନ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଶ୍ୱକର୍ମା ପୂଜାରେ ଜଣେ ମୁସଲମାନ ସଂପ୍ରଦାୟର ବ୍ୟକ୍ତି ପୁରୋଧା ହୋଇଥିବା ଓ ହିନ୍ଦୁ ପୂଜକ ତାଙ୍କୁ ସ୍ୱୀକାର କରୁଥିବାର ଦେଖିଲାପରେ ଏଇପରି ଚିତ୍ରମାନ ଖୋଜିବାର ଇଚ୍ଛା ହେଲା। ଅନୁଭବ କଲି ଯେ ଏ କ୍ଷେତ୍ରରେ ଅଧିକ ଅନୁଧ୍ୟାନ ହେବା ଉଚିତ। ଏଇ କ୍ରମରେ ଦେଖାଗଲା ଯେ ଖୋର୍ଦ୍ଧା ଅଂଚଳରେ ଏଇପରି ବହୁ ପରଂପରା ରହିଛି। ବିଶେଷ କରି ମାଣିକଗୋଡ଼ା, ସହୀଦ୍ ରଘୁ-ଦିବାକରଙ୍କୁ ନେଇ ବିଖ୍ୟାତ ବଳିଦାନର ଗାଁ ଗଡ଼ବାଣୀକିଲୋ ଆଦି ବହୁ ସ୍ଥାନରେ ଏପରି ପରଂପରା ଷୋଡ଼ଷ/ସପ୍ତଦଶ ଶତାବ୍ଦୀରୁ ରହିଆସିଛି ଏବଂ ଆଜି ଦେଶରେ ବିଦ୍ୱେଷର ସ୍ୱର ଉତ୍କଟ ଥିଲାବେଳେ ଏପରି ପରଂପରା ୨୦୨୨ ମସିହାରେ ବି ଅତୁଟ ରହିଛି। ଦୀର୍ଘ ତିନିଶହ ବର୍ଷଧରି ସମ୍ବଲପୁର ସହରର ହିନ୍ଦୁ ପଡ଼ିହାରୀ ପରିବାର ପରଂପରାକ୍ରମେ ତାଜିଆ ବାହାର କରୁଛନ୍ତି। ଜଗତସିଂହପୁର ବ୍ଲକର ବୀରବର ପାଟଣା ଗାଁରେ ଅଂଚଳର ପ୍ରଖ୍ୟାତ ହିନ୍ଦୁଠାକୁର ଶ୍ରୀ ଶ୍ରୀ ଗଡନାଥ ଦେବ (ବିଅଁଳ) ତିନିଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୀରପୀଠକୁ ଆସି ମୁସଲମାନ ପୂଜକଙ୍କଠାରୁ ଧଣ୍ଡା, ଅବିର, ଭୋଗ ଆଦି ଗ୍ରହଣ କରୁଛନ୍ତି। ମୁସଲମାନ ପୂଜକ ଓ ହିନ୍ଦୁ ପୂଜକ ପରସ୍ପରକୁ ଆଲିଙ୍ଗନ କଲାପରେ ମଧ୍ୟ ହିନ୍ଦୁ ପୂଜକଙ୍କର ପଇତା ଅପବିତ୍ର ହେଉନାହିଁ। ଚଳିତ ୨୦୨୨ ରଥଯାତ୍ରାବେଳେ ଲକ୍ଷ୍ୟକଲେ ଦେଖାଯିବ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବଳିଦାନର ଭୂଇଁ ଝାରସୁଗୁଡ଼ାର ରେମେଣ୍ଡାଠାରେ ମୁସଲମାନ ଗୌନ୍ତିଆ ପରିବାରର ପୁଅ ମହମ୍ମଦ ଅଖତର ରଥରେ ଛେରାପହଁରା କରୁଛନ୍ତି। ଏହା ବିଗତ ଶହେ ବର୍ଷଧରି ପରଂପରାକ୍ରମେ ଚାଲିଛି। ସୁବର୍ଣ୍ଣପୁରର ତରଭା ବ୍ଲକର ନାରାୟଣପୁରଠାରେ ଆଜିକାର ଦିନରେ ଗ୍ରାମର ହିନ୍ଦୁ ଓ ମୁଲଲମାନମାନେ ମିଶି ରଥ ଟାଣୁଛନ୍ତି ଓ ବିଭିନ୍ନ ସେବା କରୁଛନ୍ତି। ସାଥୀ ହିନ୍ଦୁମାନଙ୍କ ପ୍ରତି ସମ୍ମାନ ଜଣାଇ କେହି ମୁସଲମାନ ମଧ୍ୟ ରଥଯାତ୍ରା ସମୟରେ ଆମିଷ ଗ୍ରହଣ କରୁନାହାଁନ୍ତି। ଅପରପକ୍ଷରେ ମୁସଲମାନ ପର୍ବ ପାଳନ ବେଳେ ହିନ୍ଦୁ ପରିବାରମାନେ ମୁସଲମାନ ଭାଇମାନଙ୍କର ଭାବାବେଗକୁ ସମ୍ମାନ ଦିଅନ୍ତି। ଜଗତସିଂହପୁର ଅଂଚଳରେ ରଜପର୍ବ ବେଳେ ମୁସଲିମ ପରିବାରମାନେ ହଳ କରନ୍ତି ନାହିଁ। ଏଇପରି ବହୁ ସଂପର୍କର ଚିତ୍ରକୁ ନେଇ ଭାରତ ସମୃଦ୍ଧ। ମନେରଖିବା ଯେ ଅସହିଷ୍ଣୁତାର ପବନ ସବୁବେଳେ ବାହାରୁ ବହି ଆସିଛି। ଦଂଗାଗ୍ରସ୍ତ କନ୍ଧମାଳରେ ସିମନବାଡ଼ିଠାରେ ୨୦୦୮ ମସିହାରେ ଦଂଗା କାଳରେ ପୂଜା କମିଟିର ଖ୍ରୀଷ୍ଟିୟାନ ସଭାପତିଙ୍କ ନେତୃତ୍ୱରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିଲା ଓ ହିନ୍ଦୁମାନେ ଖ୍ରୀଷ୍ଟମାସ ଉତ୍ସବ ପାଳନ କରୁଥିଲେ। ପଶ୍ଚିମ ଓଡ଼ିଶାରେ ଅନେକ ସ୍ଥାନରେ ନୂଆଁଖାଇ ଅର୍ପଣ ବିଶପ୍‌ଙ୍କ ହାତରେ ହେବାର ସୂଚନା ମିଳେ। ଦଂଗା ସମୟରେ କନ୍ଧମାଳରେ ଜଣେ ମାତୃପିତୃହରା ଶିଶୁକୁ ଅନ୍ୟ ଧର୍ମର ଆଉଜଣେ ସଦ୍ୟ ସନ୍ତାନହରା ମହିଳା ମେଡ଼ିକାଲରେ ଥନରୁ କ୍ଷୀର ଦେବାର ଘଟଣା ଏକ ଦରଦଭରା ସତ୍ୟ କାହାଣୀ। ଏହା କ୍ଷୁଦ୍ର ଉଦାହରଣ ହେଲେହେଁ ଗୁରୁତ୍ୱପୂର୍ଣ୍ଣ। କୁଷ୍ଠରୋଗୀଙ୍କ ସେବାରେ ଆଇଜାକ ସାନ୍ତରାଙ୍କର ସମର୍ପଣ ଭାବ ଥିଲା ଅନନ୍ୟ।

ଓଡ଼ିଶାର କଟକ ଜିଲ୍ଲାର ଅସୁରେଶ୍ୱରଠାରେ ୧୯୪୩ ମସିହାଠାରୁ ହିନ୍ଦୁ-ମୁସଲମାନ ପରିବାରରୁ ଦୈନିକ ମୁଠି ଚାଉଳ ସଂଗ୍ରହ କରାଯାଇ ଏକ ଗୋରକ୍ଷଣୀ ଚାଲୁଅଛି। ଗୋରୁଗାଈଙ୍କର ବର୍ଜ୍ୟବସ୍ତୁକୁ ଏଠି ଜୈବିକ ଖତ ଆକାରରେ ବ୍ୟବହାର କରାଯାଉଛି। ଏ ଅଂଚଳରେ ପ୍ରାୟତଃ କଂସେଇ ହାତକୁ ଲୋକେ ଗୋରୁ ବିକିବାର ନଜିର ନାହିଁ। ଏଇ ପରଂପରାର ସ୍ରଷ୍ଟାହେଲେ ସ୍ୱର୍ଗତଃ ଜଳଧର ନାୟକ ଓ ତାଙ୍କର ବଂଧୁ ଅଫସର ଅଲ୍ଲୀ। ଜଳଧରଙ୍କ ଯୋଗ୍ୟ ଜାମାତା ଋଷିପ୍ରତିମ ଶିକ୍ଷକ ରାଜନେତା, ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ନାୟକ ଓ ସଂପ୍ରତି ରାଜକିଶୋରଙ୍କ ସୁପୁତ୍ର ତଥା ଓଡ଼ିଶାର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏଇ ପରଂପରାକୁ ରକ୍ଷାକରୁଛନ୍ତି। ସୁଖର ବିଷୟ ଜଳଧରଙ୍କର ସୁକନ୍ୟା ଶ୍ରୀମତୀ ନିର୍ମଳପ୍ରଭା ନାୟକ ଏଯାବତ୍ ଏଇ ପରଂପରାକୁ ଦିଗ୍‌ଦର୍ଶନ ଦେଉଛନ୍ତି। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଉତ୍କଳୀୟ ବରପୁତ୍ରମାନଙ୍କୁ ଲୋକଲୋଚନକୁ ଆଣି ଚିରଶ୍ରୀ ମତଲୁବ ଅଲ୍ଲୀ ମହୋଦୟ ଆମର ପ୍ରଣମ୍ୟ।

ଭାଷା କୌଣସି ଧର୍ମର ନୁହେଁ। ଏଇ କ୍ରମରେ ଦେଖାଗଲା ଯେ ବାଲେଶ୍ୱରର ଜେରିନା ବେଗମ୍, ଦେବଗଡ଼ର ହାସନ ତାରା, ନବରଙ୍ଗପୁରର ନଜରିନ୍ ପରଭିନ ଆଦି ଶିକ୍ଷୟତ୍ରୀମାନଙ୍କଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ାର କିଶୋରୀ ସମାଜନା ଖାତୁନଙ୍କ ପର୍ଯ୍ୟନ୍ତ ସମସ୍ତେ ସଂସ୍କୃତ ଭାଷାରେ ଧୂରୀଣ। ସମାନ ଭାବରେ ମଧ୍ୟ ସମ୍ମାନ ଦିଅନ୍ତି ବେଦ ଆଉ କୋରାନକୁ। ବହୁ ମୁସଲିମ୍ ସାରସ୍ୱତ ସାଧକ ଖୁବ୍ ସୁନ୍ଦରଭାବେ ରାଧାକୃଷ୍ଣଙ୍କର ଦିବ୍ୟ ପ୍ରେମଲୀଳାର ବର୍ଣ୍ଣନା କରିଛନ୍ତି। କଟକର ଡଃ ମହମ୍ମଦ ଆୟୁବ "ଓଡ଼ିଆ ସାହିତ୍ୟରେ ମୁସଲମାନ ସାରସ୍ୱତ ସାଧକ ଓ "ଉର୍ଦ୍ଦୁ ସାହିତ୍ୟରେ ଅଣଉର୍ଦ୍ଦୁ ସାରସ୍ୱତ ସାଧକ" ଶୀର୍ଷକ ପୁସ୍ତକ ରଚନା କରିଛନ୍ତି। ଅତୀତରେ ଡଃ ହୁସେନ ରବି ଗାନ୍ଧୀ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ପଦ ମଣ୍ଡନ କରିଥିଲେ।

ଦିବଂଗତ ଶିକ୍ଷକ ବଂଧୁ ଦୁର୍ଯ୍ୟୋଧନ ସ୍ୱାଇଁ (କୁଜଙ୍ଗ)ଙ୍କଠାରୁ ଆରମ୍ଭକରି ରାଜସ୍ଥାନର ରାଜୀବ ଶର୍ମାଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ମହାପୁରୁଷ ମହମ୍ମଦଙ୍କ ଜୀବନୀ ଲେଖିଛନ୍ତି। ଜଗତସିଂହପୁର ଜିଲ୍ଲାର ଗୋଡ଼ାଠାରେ ସ୍ୱାମୀ ଶିବଚିଦାନନ୍ଦଙ୍କ ପ୍ରଚେଷ୍ଟାରେ ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ଏଇ ମସଜିଦ୍‌ର ପୁନରୁଦ୍ଧାର କରାଯାଇଥିଲା। ପୁରୀର ଗଜପତି ମହାରାଜା ଦିବ୍ୟସିଂହଦେବ ମଧ୍ୟ ଧାର୍ମିକ ପାଚେରୀ ଭାଂଗି ସେହି ମସଜିଦରେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଅତୀତରେ ପୁରୀ ଶ୍ରୀମନ୍ଦିରସ୍ଥ 'ମୁକ୍ତି ମଣ୍ଡପ' ପଣ୍ଡିତ ସଭା କୋହିନୂର ପଞ୍ଜିକାର ପ୍ରକାଶକ ଶେଖ ଅମିନୁଲ ଇସଲାମ ଓ ଭାରତ କବୟିତ୍ରୀ କୁନ୍ତଳା କୁମାରୀଙ୍କୁ ସମ୍ମାନ ଜଣାଇ ସେମାନଙ୍କର ମାଟିପ୍ରାଣ ମନୋଭାବକୁ ସ୍ୱୀକାର କରିଛନ୍ତି। କରୋନା କାଳରେ ବିଭିନ୍ନ ଧର୍ମ-ଧର୍ମ ମଧ୍ୟରେ ସଂପ୍ରୀତିର ଚିତ୍ର ଦେଖିବାକୁ ମିଳିଛି। ରୋଜା ଭାଂଗି ରକ୍ତ ଦେବା, ଥାନାରେ କାର୍ଯ୍ୟ ଚାଲୁରଖିବା ଓ ବ୍ରାହ୍ମଣ ଯୁବକ ପଇତା ପିନ୍ଧି ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କର ଶବ ସତ୍କାର କରିବା ଆଦି ବିରଳ ଘଟଣାମାନ ଏ ସମୟରେ ଦେଖିବାକୁ ମିଳିଛି। ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିୟାନ ଯୁବକମାନେ ଏକାଠି ମୃତକମାନଙ୍କର ଶବ ସତ୍କାର କରିବା ଏକ ସାଧାରଣ ଘଟଣା ନୁହେଁ। ଏମାନେ ମଧ୍ୟ ନିଜର ରାଜନୈତିକ ସଂଶ୍ଳିଷ୍ଟତାଠାରୁ ଊର୍ଦ୍ଧ୍ୱରେ ଏପରି ମହାନ କାର୍ଯ୍ୟ କରିଛନ୍ତି।

ବିଖ୍ୟାତ ହିନ୍ଦୁ ଶାସ୍ତ୍ରଜ୍ଞ ପଣ୍ଡିତ ଆନନ୍ଦ ଭରଦ୍ୱାଜ "ହିନ୍ଦୁ ମୁସଲମାନ ଭ୍ରାତୃତ୍ୱ" ଶୀର୍ଷକ ଏକ ଯୁକ୍ତିସମ୍ମତ ପୁସ୍ତକ ରଚନା କରିଛନ୍ତି। ବାସ୍ତବରେ ଦାରିଦ୍ର୍ୟ ଆମର ପ୍ରଧାନ ଶତ୍ରୁ। ମହାରାଷ୍ଟ୍ରର ହିଭ୍‌ରେ ବଜାର ଗ୍ରାମ ପଂଚାୟତରେ ଜଳ ସଂରକ୍ଷଣ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଇ ସରପଂଚ ଶ୍ରୀଯୁକ୍ତ ପୋପଟରାଓ ପାୱାର ଅଂଚଳର ଦାରିଦ୍ର୍ୟ ଘୁଂଚାଇ ଦେଇପାରିଛନ୍ତି। ସେଠାରୁ ଶିଖିବାର କଥା ହେଲା ଗ୍ରାମର ହିନ୍ଦୁମାନେ ମୁସଲମାନମାନଙ୍କ ପାଇଁ ଅଗ୍ରାଧିକାର ଭାବରେ ମସଜିଦ୍‌ଟିଏ ନିର୍ମାଣ କରାଇଛନ୍ତି। ସମଗ୍ର ଦେଶରେ ଏଇପରି ବହୁ ପରଂପରା ରହିଛି।

ଖ୍ରୀଷ୍ଟିୟାନ ଲଳନା ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟ, ମୁସଲିମ୍ ବିଦେଶୀ ପଦ୍ମଶ୍ରୀ ରାମଲି ଇବ୍ରାହିମ୍, ବବି ଇସ୍‌ଲାମ, ନବନୃତ୍ୟ କଳିକା ସିମରନ୍ ଜମାନ, ଇଂ. ନୁର ରାଜା ଆଦି ଓଡ଼ିଶୀ ନୃତ୍ୟରେ ନାମକରା ପ୍ରତିଭା। ହିନ୍ଦୁମାନେ ମଧ୍ୟ ଗଜଲପ୍ରିୟ। ମହାନ ଗାୟକ ସିକନ୍ଦର ଆଲାମ କୋଟି ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଆସୀନ।

ଏହିପରି ସତ୍ୟ ଘଟଣା ଆଧାରରେ 'ଅଭିନ୍ନ ବସୁମତୀ' ପୁସ୍ତକ ରଚିତ। ବିଶେଷ କରି ଅନୁଧ୍ୟାନ କାଳରେ ଦେଖିଲି ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଜୈନ ସମ୍ରାଟ ଖାରବେଳ (କଳିଙ୍ଗ) ଦେଶରେ ସହିଷ୍ଣୁତାବାଦର ଆଦିପ୍ରଣେତା। ନିଜେ ଜୈନ ହୋଇ ମଧ୍ୟ ଅନ୍ୟ ଧର୍ମର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ। ବିଜିତ ରାଜ୍ୟର ନାରୀମାନଙ୍କୁ ସେ ଭଗିନୀ ସଦୃଶ ଦେଖୁଥିଲେ। ଅଣଜୈନ ଧର୍ମପୀଠମାନଙ୍କର ସେ କିଛି କ୍ଷତି କରି ନ ଥିଲେ। ବରଂ ସେଇପୀଠମାନଙ୍କୁ ସହାୟତା ପ୍ରଦାନ କରିଥିଲେ।

ଏକମାତ୍ର ଅଦ୍ୱିତୀୟ ଶଙ୍କରାଚାର୍ଯ୍ୟ ଭିନ୍ନ ମତାବଲମ୍ବୀମାନଙ୍କ ପ୍ରତି ଥିଲେ ସହନଶୀଳ। ନାରୀ ତାଙ୍କ ପାଇଁ ଥିଲେ ପୂଜ୍ୟା ଓ ଅଗ୍ରଗଣ୍ୟା। ଆମେ "ବସୁଧୈବ କୁଟୁମ୍ବକମ୍" ଭାବଧାରାର ପ୍ରସାରକଙ୍କୁ ସଠିକ୍ ଭାବେ ପରପିଢ଼ି ପାଖରେ ଉପସ୍ଥାପନା କରିବାରେ ପ୍ରାୟ ଅବହେଳା କରିଛେ।

ଏଇ କ୍ରମରେ ଦେଖିଲେ ଅନୁଭବ ହେବ ଏଇ ସମସ୍ତ ପରଂପରା ସଂକଳିତ ହେବା ସଂଗେସଂଗେ ଏହାଉପରେ ଗବେଷଣା ଆବଶ୍ୟକ। କାରଣ ବିଭିନ୍ନ ପ୍ରକାର ପ୍ରତିକୂଳ ପରିବେଶ ମଧ୍ୟରେ ଏହି ସଂପର୍କ କିପରି ଶତାବ୍ଦୀ ଶତାବ୍ଦୀ ଧରି ଅତୁଟ ରହିଲା ତା'ର କାରଣ ଖୋଜି ଅନ୍ୟ ସ୍ଥାନ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତି ଆବଶ୍ୟକ। ଏହାକୁ ଅଳ୍ପ କେତେକ ବ୍ୟତିକ୍ରମ ବୋଲି ବିଚାରିବା ଭୁଲ ହେବ। ଏ ଯାବତ୍ ସମସ୍ତ ଗବେଷଣା କେବଳ ନକାରାତ୍ମକ ଦିଗକୁ ଲକ୍ଷ୍ୟ କରି କରାଯାଇଛି। ଏକ ସକାରାତ୍ମକ ପରିବେଶ ଗଢ଼ିତୋଳିବା ଆଜି ସାମାଜିକ କର୍ମୀମାନଙ୍କ ପାଇଁ ଆହ୍ୱାନ। ଏହି ସ୍ଥାନଗୁଡ଼ିକୁ ପୁରସ୍କାର ପ୍ରଦାନ, ପର୍ବପର୍ବାଣୀ ପାଇଁ ଆର୍ଥିକ ଅନୁଦାନ, କିଛି ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ ଓ ସଂପର୍କରେ ଉଚିତ ସାହିତ୍ୟକୃତି ପାଇଁ ପୁରସ୍କାର ପ୍ରଦାନ ସରକାରଙ୍କଦ୍ୱାରା ବିଚାର୍ଯ୍ୟ। ଏବେ "National Foundation for Communal Harmony" ତରଫରୁ ଏହିପରି କିଛି କାର୍ଯ୍ୟକ୍ରମ ଚାଲୁଅଛି। ସଂପ୍ରତି



ଓଡ଼ିଶା ସରକାର ହିନ୍ଦୁ ତୀର୍ଥଯାତ୍ରୀ ମୁସଲିମ୍ ହଜଯାତ୍ରୀଙ୍କୁ ସହାୟତା ଦେବା ସଂଗେସଂଗେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିକଟରେ ବିଦେଶ ଗସ୍ତକାଳରେ ମହାମହିମ ପୋପ୍‌ଙ୍କୁ ସାକ୍ଷାତକରି ସମ୍ମାନ ପ୍ରଦର୍ଶନ କରିଛନ୍ତି।

ସୁଖର ବିଷୟ, ଇତିମଧ୍ୟରେ କିଛି ସାହିତ୍ୟିକ ସତ୍ୟ ଘଟଣା ଆଧାରରେ ଅନେକ ସକାରାତ୍ମକ ସାହିତ୍ୟ ସୃଷ୍ଟି କରିଛନ୍ତି। ମହାନ ଦିବଂଗତ ଗାଳ୍ପିକ ଚିରଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଆଧୁନିକ ଓଡ଼ିଆ ସାହିତ୍ୟରେ 'ମଣିଷ' ଗଳ୍ପରେ ଏହାର ଆଧାରଶୀଳା ସ୍ଥାପନ କରିଛନ୍ତି। ଆହୁରି ମଧ୍ୟ ଅଲୋଡ଼ା, ଅକ୍ଷମ, ବୟସ୍କ ଗୋରୁଗାଈଙ୍କୁ କଂସେଇଖାନାକୁ ନ ବିକି ତାଙ୍କର ବର୍ଜ୍ୟବସ୍ତୁକୁ ଲାଭଜନକ ଭାବେ ଜୈବିକ ଖତ ଆକାରରେ ବ୍ୟବହାର କରିବାର କାର୍ଯ୍ୟ ମଧ୍ୟ ଆରଂଭ କରାଯାଇଛି।

ଆଜି ଦାରିଦ୍ର୍ୟ ନିରାକରଣ, ମହିଳା ଶିକ୍ଷା ଓ ସଶକ୍ତିକରଣ, ନିଯୁକ୍ତି ପାଇଁ ବିଦେଶାଗମନ ଅପେକ୍ଷା ଦେଶରେ ନିଯୁକ୍ତି ସୃଷ୍ଟିକରିବା, ଲୋକାଚାର ଅପେକ୍ଷା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନିମନ୍ତ୍ରଣ କରିବା, ଆଦିର ବହୁ ସୁପ୍ରଭାବ ରହିଛି। "ଅଭିନ୍ନ ବସୁମତୀ" ପୁସ୍ତକର ଶେଷ ପରିଚ୍ଛଦରେ "ସେବାଗ୍ରାମରୁ ସଂଦେଶ" ଶୀର୍ଷକରେ ଗାନ୍ଧିଜୀଙ୍କର ଅଠରଦଫା କାର୍ଯ୍ୟ ଧାରାର ଆଲୋଚନା କରାଯାଇ ଏହାକୁ ରାମରାଜ୍ୟର ଆଧାର ବୋଲି ବର୍ଣ୍ଣନା କରାଯାଇଛି। ଏହି ଆଲେଖ୍ୟରେ ଏଠାରେ ଓଡ଼ିଶାର କିଛି ସହିଷ୍ଣୁତାର ଚିତ୍ର ପ୍ରଦାନ କରାଯାଇଛି; କିନ୍ତୁ ସାରା ଦେଶରେ ଏଇପରି ଅନେକ ଚିତ୍ର ରହିଛି। ଏଇ ଭୂଇଁରୁ "ବସୁଧୈବ କୁଟୁମ୍ବକମ୍" ସ୍ୱରକୁ ସମର୍ପିତ ଭାବେ ସମଗ୍ର ବିଶ୍ୱରେ ନିନାଦିତ କରିବା ମାନବ ସମାଜ ସମେତ ସମସ୍ତ ଜୀବଜଗତ ପାଇଁ ହିତକର।

*ଏଲ-୧୯/୧, ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର, ଫୋନ୍: ୯୯୩୭୦୯୨୨୫୯*




# ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ ନରସିଂହ ମିଶ୍ର

ବଲାଙ୍ଗିର,(ପି.ଏନ):ରାଜ୍ୟ ସରକାର କ୍ରମାଗତ ଭାବରେ ବଲାଙ୍ଗିର ଅଧିକାର ପ୍ରତି ବୈମାତୃକ ମନୋଭାବ ଦେଖାଉଛି । ମୁଁ ବ୍ୟକ୍ତିଗତ ଭାବରେ ରାଜ୍ୟକୁ ଦୁଇ ଭାଗ କରିବାର ସପକ୍ଷରେ ନାହିଁ , କିନ୍ତୁ ଶିକ୍ଷା,ସ୍ୱାସ୍ଥ୍ୟ, ଜଳସେଚନ, କୃଷିର ବିକାଶକୁ ନେଇ ସରକାର ଆମ ଅଂଚଳକୁ କରୁଥିବା କ୍ରମାଗତ ଅବହେଳା ପାଇଁ ଲୋକେ ପ୍ରତିକ୍ରିୟାଶୀଳ ହେଲେଣି । ସରକାରଙ୍କ ଏପରି ମନୋଭାବ ଜାରି ରହିଲେ ଓ ଲୋକେ ତାତିଲେ ରାଜ୍ୟ ଦୁଇ ଭାଗ ହୋଇପାରେ ବୋଲି ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ବଲାଙ୍ଗିର ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ବିରୁଦ୍ଧରେ ବିଷୋଦଗାର କରିଛନ୍ତି । ସେ କହିଛନ୍ତି , ଉପକୂଳ ଅଂଚଳରେ ବିଭିନ୍ନ ପ୍ରକଳ୍ପ ପାଇଁ ହଜାର ହଜାର କୋଟି ଖର୍ଚ୍ଚ ହେଉଥିବା ବେଳେ ଆମ ଅଂଚଳର ଛୋଟ ଛୋଟ ପ୍ରକଳ୍ପ ପାଇଁ ମଧ୍ୟ ଲୋକଙ୍କୁ ରାଜ ରାସ୍ତାକୁ ଓହ୍ଲାଇବାକୁ ପଡୁଛି । ସରକାର ଓ ତାଙ୍କ ପ୍ରଶାସନିକ ଅଧିକାରୀ ଲୋକ ପ୍ରତିନିଧିଙ୍କୁ କିମ୍ବା ତାଙ୍କ ମତକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି । ଏପରିକି ବଲାଙ୍ଗିର ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଲୋକ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଉ ନାହିଁ । ଦରକାର ହେଲେ ଏହି ପ୍ରସଙ୍ଗ ବିଧାନ ସଭାରେ ସେ ସ୍ୱାଧୀକାର ଭଙ୍ଗ ନୋଟିସ ଆଗତ କରିବେ ବୋଲି କ୍ଷୋଭର ସହିତ କହିଥିଲେ । ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଧିକାର ରହିଛି ସେ କୌଣସି ପ୍ରକଳ୍ପ ଉଦଘାଟନ କରି ପାରିବେ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସରକାର ମୁଖ୍ୟ ଟେଣ୍ଡର ହୋଇନଥିବା ପ୍ରକଳ୍ପ ଗୁଡିକୁ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ନିମନ୍ତ୍ରଣ ନକରି ଭିତ୍ତିପ୍ରସ୍ତର ଓ ଉଦଘାଟନ କରୁଛନ୍ତି । ଫଳରେ ତାଙ୍କର ଅନୁଗାମୀ ଓ ଅଧିକାରୀମାନେ ମଧ୍ୟ ନିୟମ ଭଙ୍ଗ କରି ଏଭଳି କାର୍ଯ୍ୟକ୍ରମ ଜାରି ରଖୁଛନ୍ତି। ଯାହା ଅତି ଦୁଖର ବିଷୟ । କିଛି ଦିନ ପୁର୍ବରୁ ରାଣୀ ଏଲିଜାବେଥଙ୍କ ମୃତ୍ୟୁରେ ସର୍ବଭାରତୀୟ ସ୍ତରରେ ଶୋକଦିବସ ପାଳନ କରାଗଲା । କିନ୍ତୁ ଦୁଖର ବିଷୟ ଏହି ଦିନ ଆମ ଜିଲ୍ଲାର ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଯାହାକି ସରକାରୀ ନିର୍ଦ୍ଦେଶ ସଂପୁର୍ଣ୍ଣ ଅବମାନନା ଅଟେ । କିଛି ଦିନ ପୁର୍ବରୁ ଇନଷ୍ଟିଟ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ରେ କରଡିରେ ଶହେ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା । ସ୍ଥାନୀୟ ବନ ବିଭାଗ ଏବଂ ଅଧିକାରୀମାନେ ଗରିବ କରଡି ବେପାରିଙ୍କ ଠାରୁ କରଡି ଜବତ କରି ତାଙ୍କୁ ଦଣ୍ଡ ବିଧାନ କରୁଥିବା ସ୍ଥଳେ ସରକାରୀ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥାରେ ହୋଇଥିବା ଏହି କରଡି ବ୍ୟଞ୍ଜନ ପ୍ରଦର୍ଶନୀ ଉପରେ ରୋକ ଲଗାଇଲେ ନାହିଁ କାହିଁକି । ଏହି ସଂସ୍ଥାର ମୂଖ୍ୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଡିଏଫଓ ପଛଘୁଞ୍ଚ ଦେଉଛନ୍ତି କାହିଁକି ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ଲକ୍ଷ୍ମୀ ଯୋର ଓ ମହାରଣୀ ସାଗର ଉନ୍ନତି ପାଇଁ ଟଙ୍କା ଥାଇ ମଧ୍ୟ ଉଦ୍ଦେଶ୍ୟମୁଳକ ଭାବରେ କାମକୁ ବନ୍ଦ କରାଯାଇଛି ବୋଲି କ୍ଷୋଭର ସହ କହିଥିଲେ । ଆହୁରି ମଧ୍ୟ ବଲାଙ୍ଗିର ରିଂ ରୋଡ ଓ ବାଇପାସ୍ କାମ ଆରମ୍ଭ କରି ସଂପୁର୍ଣ୍ଣ କରିବାରେ ସରକାରଙ୍କ ଆନ୍ତରିକତା ନାହିଁ । ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ରାଜ୍ୟ ସରକାର ଆମ ଜିଲ୍ଲା ପ୍ରତି କ୍ରମାଗତ ଅବହେଳା କରୁଛନ୍ତି । ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କେବଳ ଏକ ସାଇନ ବୋର୍ଡରେ ସିମିତ ରହିଛି। ଏହାର ନିଜସ୍ୱ ଜମି ନାହିଁ । ପ୍ରାଧ୍ୟାପକ ନାହାନ୍ତି । ମହିଳା ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଜଣେ ମଧ୍ୟ ଅଧ୍ୟାପକ ନାହାନ୍ତି । ଠିକ ସେହିପରି ପ୍ରାଇମେରି ଓ ହାଇସ୍କୁଲମାନଙ୍କରେ କେବଳ କୋଠା ଥିବାବେଳେ ଶିକ୍ଷକ ନାହାନ୍ତି । ଗାଁ ମାନଙ୍କରେ ତ ସ୍କୁଲ କୋଠା ମଧ୍ୟ ନାହିଁ। ଯେହେତୁ ଶିକ୍ଷା ଏକ ମୌଳିକ ଅଧିକାର ସରକାର ଓ ତାଙ୍କ ଅଧିକାରୀମାନେ ସମ୍ବିଧନକୁ ମଧ୍ୟ ମାନୁ ନାହାନ୍ତି । ସ୍ୱାସ୍ଥ୍ୟ ବିଭାଗକୁ ଦେଖିଲେ ବଲାଙ୍ଗିର ମେଡିକାଲ କଲେଜ ପାଇଁ ଆମେ ବହୁତ ଉତ୍ସହିତ ଥିଲେ। କିନ୍ତୁ ସେଟାରେ ମଧ୍ୟ ଡାକ୍ତରଙ୍କ ଘୋର ଅଭାବ। ଯାହା ଅଛନ୍ତି ସେଥିରୁ ୬୦ ଶତକଡା ସପ୍ତାହ ବ୍ୟାପି ଅନୁପସ୍ଥିତ ରହୁଛନ୍ତି । ଦେଓଗାଁ ଓ ଚୁଡାପାଲିକୁ ସରକାରଙ୍କ ସହ ଲଢେଇ କରି ଡାକ୍ତର ଅଣାଯାଇଥିଲା। ମାତ୍ର ଜିଲ୍ଲା ଚିକିତ୍ସାଅଧିକାରୀ ସେମାନଙ୍କୁ ଅଣ୍ୟତ୍ର ବଦଳି କରି ଉଭୟ ଅଂଚଳକୁ ପୁଣି ଡାକ୍ତର ଶୁନ୍ୟ କରିଛନ୍ତି। ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ର ଡାକ୍ତରଖାନା ୨୦୨୨ ସୁଦ୍ଧା ସମ୍ପୁର୍ଣ୍ଣ ହେବା କଥା କିନ୍ତୁ ନିର୍ମାଣକାରୀ ସଂସ୍ଥାକୁ ସଂପୁର୍ଣ୍ଣ କରିବା ସମୟ ଅବଧି ବଢାଇବା ପାଇଁ ସରକାରଙ୍କ ଅନୁମତି ପ୍ରଦାନ କରିବାରୁ ପ୍ରମାଣିତ ହେଉଛି ଯେ, ଆମ ଅଂଚଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କେତେ ପ୍ରଖର ଅଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଲୋୟର ସୁକତେଲ ବିସ୍ଥାପିତଙ୍କ ପାଇଁ ଆରପିଡିଏସି ବୈଠକ ନହେବା, ଭୀମ ଭୋଇ ମେଡିକାଲ କୋଠାରୁ ପାଣି ଗଳୁଥିବା ନେଇ କ୍ଷୋଭ ପ୍ରକାଶ କରିବା ସହ ସ୍ଥାନୀୟ ରାଜ ପରିବାରଙ୍କ ଦ୍ୱାରା ଚାରି ହଜାର କୋଟି ଟଙ୍କାର ଜମି ଦୁର୍ନିତି ହୋଇଥିବା ସରକାର ଜାଣି ଥିଲେ ସୁଦ୍ଧା ସେମାନେ ତାଙ୍କ ଦଳର ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଘଟଣାରେ ଚୁପ ରହିଛନ୍ତି ବୋଲି ଅଭିଯୋଗ କରିଥିଲେ । ଆହୁରି ମଧ୍ୟ ଜଳସେଚନ, କୃଷି ବୀମା କୁ ନେଇ ସରକାର ପାତର ଅନ୍ତର କରୁଥିବା ଅଭିଯୋଗ କରିବା ସହ ଯଦି ସରକାର ଅନ୍ୟ ଅଂଚଳ ପରି ବଲାଙ୍ଗିରର ମଧ୍ୟ ସମାନ୍ତରାଳ ବିକାଶ ନକରି ଅଂଚଳ ପ୍ରତି କ୍ରମାଗତ ଅବହେଳା କରନ୍ତି ତେବେ ସରକାର ଏବଂ ତାଙ୍କ ଅଧିକାରୀମାନେ ଲୋକଙ୍କ ପ୍ରତକ୍ରିୟାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି କହିବା ସହ ଲୋକେ ଏକ ଭୟଙ୍କର ଆନ୍ଦୋଳନ କରି ତାଙ୍କର ହକ୍ ଛଡାଇ ଆଣିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ । ଏହି ସାଂବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ମିଶ୍ରଙ୍କ ସହ ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର ଉପସ୍ଥିତ ଥିଲେ ।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତ୍ତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତ୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତ୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

# ବ୍ଲକ ସ୍ତରୀୟ ଶିକ୍ଷା ବ୍ୟବସ୍ଥା ଫଓ ୫ଟି କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ମ ା ଲ କ ା ନ ଗ ି ରି, (ପି.ଏନ):କୁଡୁମୁଲୁଗୁମ୍ମା ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବୈଠକ ଗୃହରେ ବ୍ଲକ ସ୍ତରୀୟ ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ ସହ ୫ଟି କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ସଂପର୍କରେ ଏକ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକକୁ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ଗାୟତ୍ରୀ ଦେବୀ ଅଧକ୍ଷତା କରିଥିଲାବେଳେ ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ମୁଣ୍ଡାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଗଣ୍ଡ, ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ର ପ୍ରିନ୍ସପାଲ ମହେଶ୍ୱର ସାହୁ, ସହକାରୀ ବ୍ଲକ ଶିକ୍ଷାଧିକାରୀ କୃପାସିନ୍ଧୁ ଆମ୍ବାଗୁଡିଆ ଙ୍କ ସହ ୧୪ ଗୋଟି କ୍ଲଷ୍ଟର ର ସି.ଆର.ସି.ସି ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସମୀକ୍ଷା ବୈଠକକୁ କୁଡୁମୁଲୁଗୁମ୍ମା ସହକାରୀ ଶିକ୍ଷାଧିକାରୀ ତଥା ବ୍ଲକ ଶିକ୍ଷା ସମ୍ବଯୋଜକ ଅଞ୍ଜନ କୁମାର ଚୈଧୁରୀ ପରିଚାଳନା କରିଥିଲେ । ଏହି ବୈଠକରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ନବିକରଣ ଯୋଗ୍ୟ ବିବେଚିତ ୫ଟି ବିଦ୍ୟାଳୟ ଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ, ଶିକ୍ଷା ର ମାନବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ ଓ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଆବଶ୍ୟକ ପାଣିର ବ୍ୟବସ୍ଥା ସମ୍ପର୍କରେ ଚିତ୍ରକୋଣ୍ଡା ବିଡ଼ିଓ ଶ୍ରୀ ମୁଣ୍ଡାରୀ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ଏତଦ୍ ବ୍ୟତୀତ ବାଣିଶ୍ରୀ ଯୋଜନା, ବିଦ୍ୟାଳୟ ର ମରାମତି,ପାଇପ୍ ପାଣିର ବ୍ୟବସ୍ଥା, ବିଦ୍ୟାଳୟ ପରିସରରେ ସବୁଜ ବଳୟ ସୃଷ୍ଟି ସହ, ବିଦ୍ୟାଳୟ ପରିବେଶ ଭିତରେ ସ୍ୱଛତା ଅବଲମ୍ବନ କରିବା ଭଳି କାର୍ଯ୍ୟ ଗୁଡ଼ିକୁ ତୁରନ୍ତ ପ୍ରାଥମିକତା ଦେଇ ୫ଟି ନିର୍ମାଣ କାର୍ଯ୍ୟକୁ ଯଥା ସମୟ ମଧ୍ୟରେ ସମ୍ପନ୍ନ କରି ୫ଟି ଅନ୍ତର୍ଗତ ସମ୍ପୁର୍ଣ୍ଣ ରୁପାନ୍ତର କାର୍ଯ୍ୟକୁ ସାକାର କରିବା ପାଇଁ ବି.ଇ.ଓ ସୁଶ୍ରୀ ଗାୟତ୍ରୀ ଦେବୀ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଚୈ ।ଧୁରୀ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେବା ସହ ଉକ୍ତ କାର୍ଯ୍ୟ ଗୁଡ଼ିକର ସଠିକ କାର୍ଯ୍ୟକାରୀତା ସମ୍ବନ୍ଧରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ବେଲବାହାଲିରେ ଖୁଦୁରୁକୁଣୀ ଓଷାର ଶେଷ ପାଳିରେ କୁଆଁରୀ ଝିଅଙ୍କ ମନରେ ଖୁସିର ଲହରୀ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଉପଖଣ୍ଡ ବେଲବାହାଲି ଗ୍ରାମରେ ବାର ମାସରେ ତେର ପର୍ବ ପାଳନ କରାଯାଉଥିବା ବେଳେ ଖୁଦୁରୁକୁଣୀ ପର୍ବକୁ ଗଣପର୍ବ ଭାବେ ପାଳନ କରାଯାଇଥାଏ । ଏହି ଓଷା ଭାଦ୍ରବ ମାସର ପ୍ରତି ରବିବାରରେ କୁଆଁରୀ ଝିଅମାନେ ଭୋରରୁ ଉଠି ମା'ଙ୍କ ପାଇଁ ଫୁଲ ତୋଳି ପୂଜାର୍ଚ୍ଚନା କରିଥାନ୍ତି । ପ୍ରଥମେ କୁଆଁରୀ ଝିଅମାନେ ନିମ୍ବଗଛକୁ ପୂଜା କରି ଏହାର ପତ୍ର ତୋଳି ନଦୀରୁ କଳସ ବୁଡାଇ ପ୍ରତି ଦୋଛକିରେ ପୂଜାର୍ଚ୍ଚନା କରି ପୂଜା ମଣ୍ଡପରେ ସଜବାଜ ହୋଇ ଖୁଦୁରୁକୁଣୀ ଗୀତ ବୋଲିଥାନ୍ତି । ଚାରି ପାଳି ପୂଜା କରିବା ପରେ ପଞ୍ଚମ ପାଳିରେ ଅତି ଜାକଜମକରେ ମା'ଙ୍କର ପୂଜାର୍ଚ୍ଚନା କରି ବିସର୍ଜନ କରିଥାନ୍ତି । ଏହି ଶେଷ ପାଳିରେ ଉତ୍ସବ ମୁଖର ହୋଇ ପଡିଛି ବେଲବାହାଲି ଗ୍ରାମ । ଏଥିପାଇଁ ଗାଁ ଝଲସି ଉଠିଛି ଲାଇଟ୍, ତୋରଣ ସାଜସଜ୍ଜାରେ । ଗ୍ରାମର ୧୨ଟି ସ୍ଥାନରେ ପ୍ରତିଯୋଗିତା ଭିତ୍ତିରେ ମେଢ ସୁସଜ୍ଜିତ ହୋଇ ପୂଜା କରିଛନ୍ତି ଗ୍ରାମର କୁଆଁରୀ ଝିଅମାନେ । ଆଧୁନିକତାର ପ୍ରଭାବରେ ଲୋକମାନେ ସଂସ୍କୃତି ଓ ପରମ୍ପରା ଠାରୁ ଦୂରେଇ ଯାଉଥିବା ବେଳେ ଖୁଦୁରୁକୁଣୀ ଓଷା ଏଠାରେ ଏବେ ମଧ୍ୟ ଉଦ୍‌ଜୀବିତ ହୋଇ ରହିଛି ।

# ମଶାଣିଚଣ୍ଡୀ ପୀଠରେ କୁକୁର, ବିଲେଇଙ୍କ ଗହଳ

ପୁରୀ,(ପି.ଏନ): ଶ୍ରୀକ୍ଷେତ୍ର ଚାରିପଟେ ଅନେକ ଚଣ୍ଡୀ ମନ୍ଦିର ରହିଛି । ସେମ୍ପ୍ରମଧ୍ୟରୁ ପୁରୀ ହଦୁଗିରି ଛାଉରେ ରହିଛି ମଶାଣିଚଣ୍ଡୀ ପୀଠ । ମାଆଙ୍କ ପୀଠରେ ରହିଛି ଅନେକ ମହାତ୍ମ୍ୟ । ଏହି ପୀଠକୁ କଟକିପେଣ୍ଠ ମଶାଣି ବୋଲି କୁହନ୍ତି । ପୂର୍ବେ ଏହି ସ୍ଥାନଟି ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସେହି ବାଟରେ ଯିବାକୁ ଦିନରେ ଲୋକେ ଭୟ କରୁଥିଲେ । ଦିନରେ ଚିଁ ଚିଁ ଶବ୍ଦ ଶୁଭୁଥିଲା । କୁକୁର ଗଧିଆ ଓ ବିଲୁଆଙ୍କ ବିକଟାଳ ଶବ୍ଦ ଶୁଭୁଥିଲା । ଚାରିଆଡ଼େ ହାଡ଼ ପଡ଼ିଛି । ଖପୁରୀ ଗଡୁଛି । କଂଟା ବାଉଁଶ,ସପ୍ତଫେଣି,କିଆବୁଦା,ବାଗୁଲା କଂଟା ଗଛ,ଝିଲି କଇଁଆ, ବର ଓ ଅଶ୍ୱସ୍ତ ଗଛ କଂଟେଇ କୋଳି,ବେଲଗଛ, ଲିମ୍ବଗଛ ସହ ଅନେକ ଗଛ ରହିଛି । ବିଲେଇ କୁକୁରଙ୍କ କିଳି କିଳି ରାବରେ କମ୍ପୁଥିଲା ମଶାଣିଚଣ୍ଡୀ ପୀଠ । ମାଆଙ୍କ ମହିମା ଅପାର । ଏବେ ଏହି ପୀଠର ଉନ୍ନତିକରଣ ହୋଇଛି । ମାଆଙ୍କ ପାଖରେ ମନସ୍କାମନା କରିବା ପରେ ଭକ୍ତ ସେଠାରେ ମାଆଙ୍କ ପ୍ରିୟ ଜୁରି ଓ ପୋଡ଼ାବଳି ସହ ମାଛବେସର ପ୍ରସାଦ ଲାଗି କରିଥାନ୍ତି । ପ୍ରତିଦିନ ମାଆଙ୍କ ପୀଠରେ ତିନି ଧୂପ ସହ ଭୋଗରାଗ କରାଯାଉଛି । ଏଥିପାଇଁ ପୂଜକ ପରିବାର ରହିଛନ୍ତି । ପ୍ରତିଦିନ ଧୂପଦୀପ ଓ ଝୁଣାଧୂପ ବାସ୍ନାରେ ମକକୁଛି ପୀଠ ।ଘଂଟ ବାଜିଲେ କୁକୁର ବିଲେଇଙ୍କ ହୁଳହୁଳି -ମାଆ ମଶାଣିଚଣ୍ଡୀଙ୍କ ପୀଠରେ ମୁଖ୍ୟ ଆକର୍ଷଣ ହେଉଛି କୁକୁର ବିଲେଇଙ୍କ ଆତଯାତ । ମନ୍ଦିର ଭିତର ଓ ବାହାରେ ବିଲେଇ କୁକୁରଙ୍କ ଚଳପ୍ରଚଳ ଲାଗିରହିଛି । କୁତାମଚଣ୍ଡୀଙ୍କ ଭଉଣୀ ମଶାଣିଚଣ୍ଡୀ ହୋଇଥିବାରୁ କୁକୁରଙ୍କ ପ୍ରିୟ ଠାକୁରାଣୀ । ସକାଳଧୂପ ଓ ସଂଧ୍ୟା ଧୂପବେଳେ ଘଂଟ ଘଂଟା ବାଜିଲା ମାତ୍ରେ କୁକୁର ବିଲେଇ ଧାଇଁ ଆସନ୍ତି ମନ୍ଦିର ଭିତରକୁ । କୁକୁର ହୁଳହୁଳି ପରି ଶବ୍ଦ କରୁଥିବାବେଳେ ବିଲେଇ ମଧ୍ୟ ମିଆଁଉ ମିଆଁଉ ଶବ୍ଦ କରି ମାଆଙ୍କ ଆଳତିରେ ସାମିଲ ହୋଇଥାନ୍ତି । ଯାହାକୁ ଭକ୍ତ ନଦେଖିଲେ ଅନୁଭବ କରିପାରିବ ନାହିଁ ।ପୀଠରେ ରହିଛି ୫ ମଶାଣି-କଟକୀପେଣ୍ଠ ମଶାଣିଚଣ୍ଡୀ ଚାରିପଟେ ରହିଛି ୫ ମଶାଣି । ଛୋଟ ପିଲାଙ୍କ ପାଇଁ ପିଲା ପୋତା ମଶାଣି,ଗାଇଗୋରୁଙ୍କ ପାଇଁ ଫିଙ୍ଗା ମଶାଣି ଓ ଷଣ୍ଢ ପାଇଁ ପୋତା ମଶାଣି । ଅଚିହ୍ନା ଶବ ଫୋପଡ଼ା ମଶାଣି । ସାଧୁସନ୍ଥଙ୍କ ପାଇଁ ପୋତା ମଶାଣି ଏହା ସହ କାଠ ପୋଡ଼ା ମଶାଣି ରହିଛି । ଏପରି ମଶାଣି ଅନ୍ୟ କେଉଁଠି ଦେଖିବା ବିରଳ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ପୋଡ଼ିବୁ ଫିଙ୍ଗିବୁ ପୋତିବୁ ବୋଲି ପ୍ରଚଳିତ ଢେଗ ରହିଛି । ଏହା ସହ କାଶିରେ ପୋଡ଼ିଲେ ଯେତିକି ପୂଣ୍ୟ । କଟକୀପେଣ୍ଠରେ ପୋଡ଼ିଲେ ସେତିକି ପୂଣ୍ୟ ବୋଲି କଥିତ ଅଛି ।ମନ୍ଦିର ଭିତରେ ଶବବାସ୍ନା ନାହିଁ -ମାଆ ମଶାଣିଚଣ୍ଡୀ ପୀଠରେ ରହିଛି ଅନେକ ମହାତ୍ମ୍ୟ । ଚାରିପଟେ ଶବ ସାଲୁବାଲୁ । ଶବ ବାସ୍ନା ମନ୍ଦିର ବାହାରେ ହେଉଥିବା ବେଳେ ମନ୍ଦିର ଭିତରକୁ ବାସ୍ନା ହୁଏ ନାହିଁ ବୋଲି ପୂଜକ କହିଛନ୍ତି । ପୋଡ଼ ଫିଙ୍ଗି ପୋତେ ଶବ ଗୁଡ଼ିକ ବହୁଦିନ ଧରି ପଡ଼ି ରହିଥିବା ବେଳେ ତାକୁ ଆସ୍ତେ ଆସ୍ତେ ଗଧିଆ ବିଲୁଆ କୁକୁର ଭକ୍ଷଣ କରିଥାନ୍ତି । ମଶାଣିଚଣ୍ଡୀଙ୍କ ୪ ଭଉଣୀ - ଶ୍ରୀକ୍ଷେତ୍ରର ଚାରିପଟ ଜଗିଛନ୍ତି ଚଣ୍ଡୀଦେବୀ । କୁମ୍ଭାରପଡ଼ାରେ ଆଲାମଚଣ୍ଡୀ,ପଶ୍ଚିମ ଦିଗରେ ହରଚଣ୍ଡୀ,ଉତର ଦିଗରେ ରାମଚଣ୍ଡୀ, ମଶାଣିଚଣ୍ଡୀ ଓ ଶ୍ରୀମନ୍ଦିରରେ ଅଛନ୍ତି କୁତାମ ଚଣ୍ଡୀ । ଏମାନେ ସମସ୍ତେ ପାଞ୍ଚ ଭଉଣୀ ଶ୍ରୀକ୍ଷେତ୍ରର ରକ୍ଷା କବଚ ଭାବେ ଜଗି ରହିଛନ୍ତି । ଗୋଟିଏ ବରକୋଳି ଡ଼ାଳରେ ଭିତରେ ମିଠା ବାହାରେ ଖଟାକୋଳି-ମା ମଶାଣିଚଣ୍ଡୀଙ୍କ ପୀଠରେ ମାହାତ୍ମ୍ୟ ହେଉଛି ମାଙ୍କର ବରକୋଳି ଗଛ ମୂଳ ହେଉଛି ଆସ୍ଥାନ । ଏହି ବରକୋଳି ଗଛର ମାହାତ୍ମ୍ୟ ହେଉଛି ଗୋଟିଏ ଡ଼ାଳର ମନ୍ଦିର ଭିତର ଅଂଶରେ ଫଳୁଥିବା କୋଳି ମିଠା ଲାଗୁଥିବା ବେଳେ ସେହି ଡ଼ାଳର ମନ୍ଦିର ବାହାର ଅଂଶ ଖଟା ଲାଗୁଛି ।

## ସେପ୍ଟେମ୍ବର ୨୬ରେ ବାରିପଦାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ବର୍ଗର ଯୁବତୀ ମାନଙ୍କ ପାଇଁ ନିଯୁକ୍ତି ଅଭିଯାନ

କେନ୍ଦୁଝର,(ପି.ଏନ):ଚଳିତ ସେପ୍ଟେମ୍ବର ମାସ ୨୬ ତାରିଖ ଦିନ ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ନିଃ ତରଫରୁ ନିଯୁକ୍ତି ଆଶାୟୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଯୁବତୀ ମାନଙ୍କ ପାଇଁ ଏକ ନିଯୁକ୍ତି ଅଭିଯାନ ଆୟୋଜିତ ହେବ ବୋଲି କେନ୍ଦୁଝର ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ସୂଚନା ଦେଇଛନ୍ତି । ଏହି ନିଯୁକ୍ତି ଅଭିଯାନରେ କେନ୍ଦୁଝର ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ନିଯୁକ୍ତି ଆଶାୟୀ ଯୁବତୀମାନେ ଅଂଶଗ୍ରହଣ କରିପାରିବେ ବୋଲି ସେ କହିଛନ୍ତି । ଏଥି ନିମନ୍ତେ କେନ୍ଦୁଝର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀମାନେ ତା-୨୪.୦୯.୨୦୨୨ରିଖ ସୁଦ୍ଧା ଜିଲ୍ଲା ନିୟୋଜନ ଅଧିକାରୀ କେନ୍ଦୁଝରଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ଇଚ୍ଛୁକ ପ୍ରାର୍ଥୀମାନେ ଯେ କୌଣସି ବିଷୟ,ଷ୍ଟ୍ରିମ୍‌ରେ +୨ ପାସ୍ କରିଥିବା ଆବଶ୍ୟକ । ୨୦୨୨ ସେପ୍ଟେମ୍ବର ମାସ ସୁଦ୍ଧା ୧୮ ବର୍ଷରୁ ୨୧ ବର୍ଷ ହୋଇଥିବ ଏବଂ ଓଜନ ୪୩ କି.ଗ୍ରାରୁ ୬୫ କି.ଗ୍ରା. ଏବଂ ଉଚ୍ଚତା ସର୍ବନିମ୍ନ ୧୫୦ସେ.ମି. ହୋଇଥିବା ଆବଶ୍ୟକ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଉପରୋକ୍ତ ନିଯୁକ୍ତି ପାଇଁ କାର୍ଯ୍ୟସ୍ଥଳୀ ହେଉଛି । ଏଚ୍‌ଓଏସ୍‌ୟୁଆର, ବାଙ୍ଗାଲୋର ଏବଂ ମାସିକ ଦରମା ୧୬ ହଜାର ଟଙ୍କା ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

# ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ ଶିବିର ଅନୁଷ୍ଠିତ,ବର୍ଷା ଜଳରେ ନିଜକୁ ସୁରକ୍ଷା ବିଭିନ୍ନ ଉପାୟ ପ୍ରଶିକ୍ଷଣ

ନୂଆପଡ଼ା,(ପି.ଏନ): ଆପଦା ଜିଲ୍ଲା ସିନାପାଲି ବ୍ଲକ ବୋଠୋପାଲି ଗ୍ରାମ ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳ ରେ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।ନଦୀକୂଳରେ ଗ୍ରାମବାସୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାବାର ମକଡ୍ରିଲ କରାଯାଇଥିଲା । ସଭାରେ ଗୀତାଞ୍ଜଳି ସା ସଭା ପରିଚାଳନା କରିଥିବା ବେଳେ ଗୌରହରି ନନ୍ଦ ଓ ବଶିଷ୍ଠ କୁମାର ପରିଡା ତାଲିମ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ସମୟରେ କିପରି ଜୀବନ ସୁରକ୍ଷିତ ଭାବରେ ଉଦ୍ଧାର ଏବଂ ଗୃହ ପାଳିତ ପ୍ରାଣୀଙ୍କୁ ଉଦ୍ଧାର କରିବା ଉପାୟ ନେଇ ତାଲିମ ଦେଇଥିଲେ। ବନ୍ୟା ସମୟରେ କୌଣସି ଗୁଜବକୁ ବିଶ୍ୱାସ ନ କରି ଗଣ ମାଧ୍ୟମ କୁ ଅନୁସରଣ କରିବା, ଜରୁରୀକାଳୀନ କିଟ, ଖାଦ୍ୟ ଦ୍ରବ୍ୟ ଓ ଔଷଧ ମହଜୁଦ ରଖିବା ସହ ବନ୍ୟା ପାଣି କୁ ପାନୀୟ ଜଳ ରୂପେ ବ୍ୟବହାର ନ କରିବା, ବିଦ୍ୟୁତ ଖୁଣ୍ଟ ଓ ଉପକରଣ ଠାରୁ ଦୁରେଇ ରହିବା, ସିଝା ପାଣି ପିଇବା, ଛୋଟ ଛୋଟ ପିଲାଙ୍କୁ ସବୁବେଳେ ଧ୍ୟାନ ଦେବା ଉପରେ ବୁଝାଇଥିଲେ। ସାପ କାମୁଡିଲେ କେମିତି କରାଯିବ, ବଜ୍ରାଘାତରୁ କିପରି ରକ୍ଷା ପାଇହେବ, ଆହତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା ଉପରେ ମକ ଡ୍ରିଲ କରାଯାଇଥିଲା।

# ତାଲାକୋଟ ଫାଳ ଫଡି ଶିଶୁ ଶ୍ରମିକ ନିଯୁକ୍ତି ଘଟଣା ର ତଦନ୍ତ କଲେ ବନଖଣ୍ଡ ଅଧିକାରୀ

ନୂଆପଡ଼ା,(ପି.ଏନ):ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅନ୍ତର୍ଗତ ସିନାପାଲି ବନାଂଚଳର ନଙ୍ଗଲବୋଡ଼ ସେକଶନ ତାଲାକୋଟ ଫାଳ ଫଡି ଠାରେ ଶିଶୁ ଶ୍ରମିକ ନିୟୋଜନ ଘଟଣା ନେଇ ବନଖଣ୍ଡ ଅଧିକାରୀ ତଦନ୍ତ କରିଛନ୍ତି। ତଦନ୍ତ କାର୍ଯ୍ୟକ୍ରମରେ ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ପ୍ରତାପ କୁମାର ବେହେରା ସହ ସିନାପାଲି ତହସିଲଦାର ଲୋକନାଥ ଶବର, ଅତିରିକ୍ତ ତହସିଲଦାର ଲକ୍ଷଣ ମାଝୀ, ସିନାପାଲି କେନ୍ଦୁପତ୍ର ବନାଂଚଳ ଅଧିକାରୀ ସନ୍ତୋଷ ସୁନାନୀ, ଘାଟମାଳ ସରପଂଚ ଟେକରାମ ମାଝୀ ତଥା ଗ୍ରାମବାସୀ ଯୋଗ ଦେଇଥିଲେ କ୍ଷ କେନ୍ଦୁପତ୍ର ଫାଳ ଫଡ଼ିରେ ଶିଶୁ ଶ୍ରମିକ ନିୟୋଜନ ଘଟଣାକୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥଲେ ।ଗତ ମେ ମାସ ୩ ତାରିଖ ଦିନ ଖବର କାଗଜରୁ ପ୍ରକାଶିତ ଘଟଣା ନେଇ ମାନବ ଅଧିକାର କମିଶନ ଠାରେ ମେ ୫ ତାରିଖ ଦିନ ଦିଲୀପ କୁମାର ଦାଶ୍ କେଶ କରିଥିଲେ ।ଭଏହି ଘଟଣା ନେଇ ଜୁନ ୬ ତଦନ୍ତ କରି ଜୁଲାଇ ୨୧ ତାରିଖରେ ରିପୋର୍ଟ ଦାଖଲ କରିଥିଲେ। ଏହ ରିପୋର୍ଟ ସନ୍ତୋଷ ହୋଇ ପୁଣି ସେପଟମ୍ବେର ୯ ରେ ପୁଣି ରିପୋର୍ଟ ଦେବାକୁ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ତଦନ୍ତ କରିଛନ୍ତି।

# ଶୈଲଙ୍ଗ ସମବାୟ ସମିତିର କମ୍ପୁଟରୀକରଣ ନେଇ ଅନିଶ୍ଚିତତା

ଘଷିପୁରା,(ପି.ଏନ):ଆନନ୍ଦପୁର ସମବାୟ ସର୍କଲ ଅନ୍ତର୍ଗତ ଶୈଳଙ୍ଗ ସେବାସମବାୟ ସମିତି ଡାଟା ଏଣ୍ଟ୍ରି ଅପରେଟରଙ୍କୁ କୌଣସି କାରଣ ନଥାଇ ତା-୦୮.୧୧.୨୦୨୧ ଠାରୁ ଦୀର୍ଘଦିନ ଧରି ପରିଚାଳନା ପରିଷଦ କାର୍ଯ୍ୟରୁ ନିଲମ୍ବନ କରିଅଛନ୍ତି । ମାତ୍ର ଶୈଳଙ୍ଗ ସମିତିର ନିଲମ୍ବିତ ଡିଇଓଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ନକରି ଅଧା ବେତନ ଦେଇ ଅନ୍ୟ ଏକ ଅଣତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ସମିତିର ସମ୍ପାଦକ କାର୍ଯ୍ୟରେ ନିୟୋଜିତ କରି ସମିତିର ଅର୍ଥ ବର୍ବାଦ କରାଯାଉଛି । ସମବାୟ ବିଭାଗରେ ୫ଟି ଆଧାରରେ ସମସ୍ତ କାର୍ଯ୍ୟ ସମ୍ପାଦନ ଉପରେ ସମବାୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିବା ବେଳେ ଆସନ୍ତା ଅକ୍ଟୋବର ମାସ ପ୍ରାରମ୍ଭରୁ ସମିତି ଗୁଡିକ ସମ୍ପୁଟରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥି ନମନ୍ତେ ଜିଲ୍ଲା ସ୍ତରୀୟ ସମବାୟ ଅଧିକାରୀ ଡିଆରସିଏସ୍ ଓ ଏଆରସିଏସ୍ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସମିତିର ସମସ୍ତ କାଗଜପତ୍ର ଅପ୍‌ଡେଟ୍ ପାଇଁ ଦାୟିତ୍ୱ ଦିଆଯାଇଛି । ଏପରି ସ୍ଥଳେ ସମିତିର ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିଲମ୍ବନ କରିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କମ୍ପୁଟରୀକରଣ ସମ୍ପୂର୍ଣ୍ଣ ନେଇ ସନ୍ଦେହ ଉପୁଜିଛି । ଏଣୁ ନିଲମ୍ବିତ ଡିଇଓଙ୍କୁ ତୁରନ୍ତ କାର୍ଯ୍ୟରେ ପୁନଃ ଯୋଗଦାନ କରିବା ପାଇଁ ବୋର୍ଡ ସଭ୍ୟ ରନ କୁମାର ପୁହାଣଙ୍କ ସମେତ ବହୁ ସଦସ୍ୟ ଦାବି କରିଛନ୍ତି ।

# ବିଜେପି ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗରେ ଶୋକ

ଘଷିପୁରା,(ପି.ଏନ):ଭାରତୀୟ ଜନତା ପାର୍ଟିର ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଏହି କ୍ରମରେ ସ୍ଥାନୀୟ ଶାଳପଡାର ଗରୀବ ସେବା ସଦନ ଠାରେ ସଦନର ପ୍ରତିଷ୍ଠାତା ସଭାପତି ତଥା ବରିଷ୍ଠ ବିଜେପି ନେତା ଡ. ଶମ୍ଭୁନାଥ ରାଉତଙ୍କ ସଂଯୋଜନାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଘଷିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଶ୍ରୀ ସେଠୀଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଳି ପୂର୍ବକ ୫ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାରେ ଡ. ରାଉତ ଶ୍ରୀ ସେଠୀଙ୍କ ସ୍ମୃତିଚାରଣ କରିବା ସହ ସେ ଜଣେ ଦରଦୀ ସାଲିସ ବିହୀନ ରାଜନେତା, କବି, ସାହିତ୍ୟିକ ତଥା ବିରୋଧୀ ଦଳର ଉପନେତା ଭାବେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ । ତାଙ୍କର ଅକାଳ ବିୟୋଗ ଫଳରେ ରାଜ୍ୟ ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଅବିହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ବାବନ ଭୂୟାଁ, ଶ୍ୟାମ ସୁନ୍ଦର ପାତ୍ର, ଲକ୍ଷ୍ମୀଧର ରାଉତ, ପ୍ରମୋଦ ବେହେରା, ଗୌରୀ ଶଙ୍କର ବଳ, ପ୍ରେମାନନ୍ଦ ଜେନା, କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

# ଗ୍ରାମୀଣ ଡାକ ସେବକଙ୍କ ଅକାଳ ବିୟୋଗ

ହାଟଡିହି,(ପି.ଏନ):ହାଟଡିହି ବ୍ଲକ ଅନ୍ତର୍ଗତ ଗେଡମା ପଂଚାୟତର ଗେଡମା ଗ୍ରାମୀଣ ଡାକ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଗୋଲକ ବିହାରୀ ଦାସ (୫୫)ଙ୍କ ଅକାଳ ବିୟୋଗ ଘଟିଛି । ସେ ଗତ ୬ ମାସ ପୂର୍ବରୁ ଶ୍ରୀରାମ ହସ୍ପିଟାଲ, ବାଲେଶ୍ୱରର ଏକ ଘରୋରୀ କ୍ଲିନିକ୍‌ରେ କୀଡିନ୍ ଷ୍ଟୋନ ଅସ୍ତ୍ରୋପଚାର ହୋଇଥିଲେ । ପରେ ସେହି ସ୍ଥାନରେ ଘା ନଶୁଖିବାରୁ ଗତ ଶନିବାର ଠାରୁ ଗ୍ୟାଷ୍ଟ୍ରୋ ଏଣ୍ଡ୍ କୀଡିନ୍ କେୟାର, ନୟାପଲ୍ଲୀ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିବା ସହିତ ଶେଷ ଦର୍ଶନ ନିମନ୍ତେ ଗେଡମାସ୍ଥିତ ବାସଭବନରେ ରଖାଯାଇ ଗାଁ ମଶାଣୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତୁରା ବିଭୁତି ଭୂଷଣ ଦାସ ମୁଖାଗ୍ନୀ ଦେଇଥିବା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ କନ୍ୟା ଅଲିଭା ଦାସ(୨୨), ଅନନ୍ୟା ଦାସ (୧୪), ସମ୍ପର୍କୀୟ ମାନସ ଦାସ, ଜୀବନକୃଷ୍ଣ ଦାସ, ଜଗବନ୍ଧୁ ଦାସ, ଅମିତ୍ ଦାସ, ଗେଡମା ସରପଂଚ ସିଲାରାଣୀ କାଣ୍ଡି, ସମାଜସେବୀ ବାବୁଲା କାଣ୍ଡି, ସୁନିଲ ମହାନ୍ତି, ଡାକ ସହକର୍ମୀ କୋଦଣ୍ଡଧର ନାୟକ, ଦୈତାରୀ ବେହେରା, ଭଦ୍ରତନୁ ସା, ବିଜୟ ପହିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ଶ୍ରୀ ଦାସ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ଗେଡମା ପଂଚାୟତର ଦକ୍ଷ ସମାଜସେବକ ଥିବାବେଳେ ଗ୍ରାମର ସୁଚିନ୍ତିତ ଭାବରେ ପ୍ରଜ୍ୱଳିତ ଦୀପଟି ଲିଭିଯାଇଥିବାରୁ ଗେଡମା ପଂଚାୟତବାସୀ ମର୍ମାହତ ହୋଇପଡିଛନ୍ତି ।




## ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ବେଆଇନ ଛଟେଇ ପ୍ରତିବାଦରେ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର



ବ୍ରହ୍ମପୁର (ପିଏନ୍) : ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୃକ୍ତ ଠିକାଦାରମାନେ ବିନା କାରଣରେ ଛଟେଇ କରିବା ଏବଂ ଦରମା ବନ୍ଦ କରିବା, ପ୍ରତି ମାସର ନିର୍ଦ୍ଦିଷ୍ଟ ତାରିଖରେ ଇପିଏଫ, ଇଏସଆଇ କଟାନଯିବା ପ୍ରଭୃତି ସମସ୍ୟା ସମ୍ପର୍କରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବ୍ରହ୍ମପୁରଠାରେ ଥିବା ଯୁଗ୍ମ ଶ୍ରମ କମିଶନରଙ୍କ ଅନୁପସ୍ଥିତିରେ ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର ଓ ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀ ନଗେନ୍ଦ୍ର କୁମାର ଗାଇପାଇଙ୍କ ସହ ସାକ୍ଷାତ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉ କି, ଗତ ଜୁଲାଇ ମାସରୁ ଛତ୍ରପୁର ସବଡିଭିଜନ ହସ୍ପିଟାଲରେ କାର୍ଯ୍ୟରତ ଦୁଇ ଆଉଟସୋର୍ସିଂ କର୍ମଚାରୀ ସୁଜିତ କୁମାର ନାୟକ ଓ ପ୍ରେମ୍ ବେହେରାଙ୍କ ବେଆଇନ ଓ ବିନା ନୋଟିସରେ ଛଟେଇ କରାଯିବା ସମ୍ପର୍କରେ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏ ଦିଗରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖାର ଉପସଭାପତି ତଥା ମେଡିକାଲ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥ, ସମାଜସେବୀ ତଥା ଆଡ଼ଭୋକେଟ କେ. ଚନ୍ଦ୍ରଶେଖର ରେଡ୍ଡି, ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଜିଲା ମେଡିକାଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ପିଙ୍କି ନାୟକଙ୍କ ସମେତ ବହୁ କର୍ମଚାରୀ ଆଲୋଚନାରେ ଉପସ୍ଥିତ ଥିଲେ । ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସାଧାରଣ ସମ୍ପାଦିକା ପାଢ଼ୀ ଚେତାବନୀ ଦେଇଛନ୍ତି।

## ବିଶାଳ ଶୋଭାଯାତ୍ରାରେ ଅହିଂସା ରଥକୁ ସ୍ୱାଗତ

ବାଲେଶ୍ୱର (ପିଏନ୍)-ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରରୁ ବାହାରିଥିବା ଅହିଂସା ରଥ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରିଛି। ଏହି ରଥ ଖଇରା, ଓଉପଦା, ଭୋଗରାଇ ବ୍ଲକ ପରେ ସଦର ବ୍ଲକରେ ପହଂଚିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ରେଳଷ୍ଟେସନରୁ ରଥକୁ ସ୍ୱାଗତ କରାଯିବା ସହ ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ସ୍ୱାଗତ ଉତ୍ସବରେ ଶତାଧିକ ବୁଦ୍ଧିଜିବୀ, ମହିଳା ତଥା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ଅଧକ୍ଷତାରେ ଜିଲ୍ଲାସ୍କୁଲରେ ଅନୁଷ୍ଠିତ ସଭାରେ ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ପୌରାଧକ୍ଷା ସବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସଦର ବିଡ଼ିଓ ନରେନ୍ଦ୍ର ଖମାରୀ, ଜିଲ୍ଲାସ୍କୁଲର ଶିକ୍ଷକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରିଥିଲେ।

## ସୂଚନା ଅଧିକାର କର୍ମୀଙ୍କ ନାମରେ ମିଥ୍ୟା ମାମଲା କ୍ଷେତ୍ରରେ ଆଇନ ସହାୟତା ପ୍ରାଧିକରଣ ଆଗେଇ ଆସୁ

ଭୁବନେଶ୍ୱର (ପିଏନ୍): ରାଜ୍ୟରେ ସୂଚନା ଅଧିକାର କର୍ମୀମାନଙ୍କ ଉପରେ ଲଗାତର ଆକ୍ରମଣ ଓ ସେମାନଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବା ଘଟଣାକୁ ନେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁର ଚିନ୍ତା ବ୍ୟକ୍ତ କରିଛନ୍ତି। ମିଥ୍ୟା ମାମଲାରେ ଜେଲ ଭୋଗୁଥିବା ଏହି କର୍ମୀମାନଙ୍କୁ ଆଇନଗତ ସହାୟତା ଦେବାଲାଗି ରାଜ୍ୟ ଆଇନ ସେବା ପ୍ରାଧିକରଣ ଆଗେଇ ଆସିବା ପାଇଁ ଜଷ୍ଟିସ ଲୋକୁର ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜନଶୁଣାଣି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଲୋକୁର ଏହି ପ୍ରସଙ୍ଗ ଉଠାଇଥିଲେ। ଜନଶୁଣାଣିରେ ସୂଚନା ଅଧିକାର କର୍ମୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ, ହତ୍ୟା ଓ ସେମାନଙ୍କ ସୁରକ୍ଷା ଉପରେ ଆଠଜଣିଆ ବିଚାରକ ମଣ୍ଡଳି ବିଭିନ୍ନ ଅଭିଯୋଗ ଶୁଣିଥିଲେ। କଟକର ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ଜିତେନ୍ଦ୍ର ସାହୁ, ଯାଜପୁରର ସର୍ବେଶ୍ୱର ବେହୁରା, ପୁରୀର ସନ୍ତୋଷ ମହାନ୍ତି, ମୟୂରଭଞ୍ଜର ମହେଶ୍ୱର ମହାନ୍ତି, କେନ୍ଦ୍ରାପଡ଼ାର ମନୋରଞ୍ଜନ ଜେନା, ଦିନକର ଜେନା, ଗଞ୍ଜାମର ସୀମାଞ୍ଚଳ ଜେନା ପ୍ରମୁଖ ସେମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ମିଥ୍ୟା ମାମଲା ସମ୍ପର୍କରେ ଜୁରି କମିଟି ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ। ସେହିଭଳି କେନ୍ଦ୍ରାପଡ଼ା ଜିଲ୍ଲାର ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା କରାଯିବା ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। କନ୍ଧମାଳରେ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ଯେଉଁଭଳି ଭାବେ ନିର୍ମମ ହତ୍ୟା ତାଙ୍କ ଘର ସମ୍ମୁଖରେ କରାଯାଇଥିଲା ସେ ସମ୍ବନ୍ଧରେ ତାଙ୍କ ପୁଅ ଜୁରି କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗଗୁଡ଼ିକ ଶୁଣାଣି ପରେ ଜୁରି କମିଟି ସଦସ୍ୟମାନେ ସେମାନଙ୍କର ମତାମତ ରଖିଥିଲେ। ଜଷ୍ଟିସ୍ ଲୋକୁର କହିଥିଲେ, ଏଭଳି ପରିସ୍ଥିତିରେ ଦୋଷୀ ପୋଲିସ୍ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ। ମାନବାଧିକାର କମିଶନ୍, ଲୋକାୟୁକ୍ତ ଓ ପୋଲିସ୍‌କୁ ଅଭିଯୋଗ ବ୍ୟବସ୍ଥା ଆଦି ସଠିକ୍ ଭାବେ କାର୍ଯ୍ୟକଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ରଖିଥିଲେ। ସାରା ଦେଶରେ ସୂଚନା ଅଧିକାର କର୍ମୀଙ୍କ ଉପରେ ଆକ୍ରମଣ ଓ ନିର୍ଯ୍ୟାତନା ପ୍ରସଙ୍ଗ ସାମନାକୁ ଆସୁଥିବାରୁ ଜନ ଆନ୍ଦୋଳନର ଆବଶ୍ୟକତା ଅଛି ବୋଲି ବିଶିଷ୍ଟ ସାମାଜିକ କର୍ମୀ ଅରୁଣା ରାୟ ପ୍ରସ୍ତାବ ରଖିଥିଲେ। ଜନ ସୂଚନା ପୋର୍ଟାଲକୁ କାର୍ଯ୍ୟକାରି କରିବା, ଯେଉଁ ଘଟଣା ପାଇଁ ଆକ୍ରମଣ ହେଉଛି, ସେହି ଘଟଣାର ତଦନ୍ତ କରିବା, ଦଳିତ ଓ ମହିଳା ସଂଗଠନକୁ ସାମିଲ କରିବା, ହୁଇସିଲ୍ ବ୍ଲୋୟର ପ୍ରୋଟେକ୍ସନ୍ ଆଇନ ଲାଗୁ କରିବା ଆଦି ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇଥିଲା। ଏହି ଜନଶୁଣାଣିରେ ଜୁରି କମିଟି ସଦସ୍ୟ ଭାବେ ଅନ୍ୟମାନଙ୍କ ମଧ୍ୟରେ ଘଉଚଜଓ ର ଆବାହକ ଅଞ୍ଜଳି ଭରଦ୍ୱାଜ, ସହ-ଆବାହକ ନିଖିଲ ଦେ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଆଇ.ଏ.ଏସ୍. ଅରବିନ୍ଦ ବେହେରା, ଦଳିତ ସାମାଜିକ କର୍ମୀ ଅଶୋକ ମଲ୍ଲିକ ଓ ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୫୦ରୁ ଅଧିକ ସୂଚନା ଅଧିକାର କର୍ମୀ, ସାମାଜିକ କର୍ମୀ, ମାନବାଧକାର କର୍ମୀ, ଆଇନଜୀବୀ, ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ NCPRI ର ଅମ୍ରିତା ଜୋହରୀ ଧନ୍ୟବାଦ ଦେଇଥିଲେ।

## ସରକାରଙ୍କୁ ଧନ୍ୟବାଦ ଦେଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ କୁମାର କବି ଫାଉଣ୍ଡେସନ୍‌ର ଦୀର୍ଘ ବର୍ଷର ଦାବି ଥିଲା ଯେ, କବି ବ୍ରଜନାଥ ବଡ଼ଜେନା, କୁମାର କବି ଅରକ୍ଷିତ ପ୍ରଧାନ, ରାଜକବି ଗୋବିନ୍ଦ ଭଞ୍ଜ ଜୟନ୍ତୀ ସହିତ ସନ୍ଥ କବି ଭୀମ ଭୋଇ ଶ୍ରାଦ୍ଧ ଉତ୍ସବ ଏହିପରି ମୋଟ ୨୧ ଜଣ ମହାପୁରୁଷଙ୍କ ଆବିର୍ଭାବ ଓ ତିରୋଧାନ ଦିବସ ସରକାରଙ୍କ ସଂସ୍କୃତି ବିଭାଗ, ସାହିତ୍ୟ ଏକାଡେମୀ ପକ୍ଷରୁ ପାଳନ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଭିଯାନର ଅଧକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଖୋର୍ଦ୍ଧା ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ସୁନୀଲ ମିଶ୍ରଙ୍କ ସହିତ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅଧକ୍ଷ ଶ୍ରୀଯୁକ୍ତ ଶତପଥୀ କହିଛନ୍ତି ଯେ, ପୂଜ୍ୟପୂଜା ହେଉଛି ଉତ୍କଳର ପାତାଳଭେଦୀ ସଂସ୍କୃତି। ପୂଜ୍ୟମାନଙ୍କୁ ଯଥାସମ୍ଭବ ସବୁସ୍ତରରୁ ସମ୍ମାନ ହେବା ଆବଶ୍ୟକ। ୨୦୨୨-୨୩ ବର୍ଷରୁ ସରକାର ଏ ବାବଦରେ, ୫,୨୫,୦୦୦/- (ପାଞ୍ଚ ଲକ୍ଷ ପଚିଶି ହଜାର) ଅର୍ଥ ବରାଦ କରିଛନ୍ତି। ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଚିଠି ମାଧମରେ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗକୁ ଜଣାଇଛନ୍ତି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କହିଛନ୍ତି।

## କଂଜୁମର୍ସ ରାଇଟ୍ସ ତରଫରୁ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ବାଲେଶ୍ୱରର ବଇଁଚା ପଞ୍ଚାୟତ କାର୍ଯ୍ୟାଳୟଠାରେ କଂଜୁମର୍ସ ରାଇଟ୍ସ ସଂସ୍ଥା ତରଫରୁ ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ଉପସଭାପତି ଶ୍ରୀ ଜିତେନ୍ଦ୍ର ସିଂ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଶ୍ରୀ ସୋମନାଥ ପଟ୍ଟନାୟକ ଖାଉଟି ସୁରକ୍ଷା ଏବଂ ଏହାର ସମାଧାନର ବିଶେଷ ବିବରଣୀ ପ୍ରଦାନ କଲେ। ଖାଉଟି କଲ୍ୟାଣ ବିଭାଗର ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନରୁ ଶ୍ରୀ ଅନିରୁଦ୍ଧ ପରିଡ଼ା ଟ୍ରେନିଂ ରିସର୍ଚ୍ଚ ଅଫିସର ମୁଖ୍ୟ ପ୍ରବକ୍ତା ଭବେ ଖାଉଟି ସଚେତନତାର ବିଭିନ୍ନ ବିଷୟ ବସ୍ତୁ ଉପରେ ବିବରଣୀ ପ୍ରଦାନ କରିଥିଲେ। ଯଥା: ଖାଉଟିର ଅଧିକାର ଓ କର୍ତ୍ତବ୍ୟ, ଇ-କମର୍ସର ଠକେଇ ଓ ସମାଧାନର ବାଟ ଦର୍ଶାଇଥିଲେ ଏବଂ ହଲ ମାର୍କିଂ ଓ ଖାଦ୍ୟର ଶୁଦ୍ଧତା ଉପରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏଥିସହିତ କଂଜୁମର୍ସ ରାଇଟ୍ସ ସଂସ୍ଥାର ରାଜ୍ୟ ସଚିବ ଶ୍ରୀ ଉଦୟ ଖୁଣ୍ଟିଆ ସମସ୍ତଙ୍କୁ ଓଜନ ମାପ ଏବଂ ଖାଉଟି କିପରି ଠକାମୀରୁ ନିବୃତ ରହିପାରିବେ, ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏଥିସହିତ ଜିଲ୍ଲା ସଭାପତି ଶ୍ରୀ ଶରତ ଶିବାଶିଷ ଦାସ ସମସ୍ତଙ୍କୁ ଉପଭୋକ୍ତା ସଚେତନତାର ଲିଫ୍‌ଲେଟ ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ।

## ମୋଦିଙ୍କ ଜନ୍ମଦିନରେ ଜାତୀୟ ବେରୋଜଗାର ଦିବସ ପାଳିଲା ଯୁବ କଂଗ୍ରେସ



ଭୁବନେଶ୍ୱର (ପିଏନ୍)-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଜାତୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଏହି ଅବସରରେ ମାଷ୍ଟର କ୍ୟାଂଟିନ ଛକଠାରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ଭିକ୍ଷା ମାଗିବା ସହ ଜୋତା ପଲିସ କରି ଅଭିନବ ଭାବେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ୨୦୧୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଦେବାର ଯେଉଁ ସ୍ୱପ୍ନ ଦେଖାଇଥିଲେ ତାହା ପ୍ରହସନରେ ପରିଣତ ହୋଇଛି। ନିଯୁକ୍ତି ତ ଦୂରର କଥା, ନିର୍ବାଚନ ପରେ ମୋଦି ସରକାର ଜନସାଧାରଣଙ୍କ ହାତରୁ ରୋଜଗାର ଛଡ଼ାଇନେବାକୁ ଯୋଜନା କରୁଛନ୍ତି। ଆଦାନୀ, ଅମ୍ବାନୀଙ୍କ ଭଳି କେତେକ ପୁଂଜିପତିଙ୍କ ସମ୍ବଳ ବଢ଼ାଇବାକୁ ଯାଇ ବହୁ କ୍ଷୁଦ୍ର ଓ ମଧମ ଉଦ୍ୟୋଗକୁ ଧୂଳିସାତ କରିଦେଇଛନ୍ତି। ବହୁ ଶିକ୍ଷିତ ଯୁବକଯୁବତୀ ନିଯୁକ୍ତି ନପାଇ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଓ ସ୍ଥାୟୀ ନିଯୁକ୍ତି ସୁଯୋଗ ଦେବା ପରିବର୍ତେ ମୋଦି ସରକାର ଅଗ୍ନିପଥ ଭଳି ଲକ୍ଷ୍ୟହୀନ ଯୋଜନା କରିଛନ୍ତି। ଏହାଦ୍ୱାରା ଗୋଟିଏ ପଟେ ଦେଶର ସାମରିକ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ଆଶଙ୍କା ଥିବାବେଳେ ଅନ୍ୟପଟେ ଠିକା ନିଯୁକ୍ତି ପଛରେ ଧାଇଁ ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କରୋନା ପରେ ଦେଶର ବହୁ ଜନସାଧାରଣ ରୋଜଗାର ହରାଇ ହାତ ବାନ୍ଧି ବସିଛନ୍ତି। ଗରିବ ଓ ମଧବିତଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏ ପରିସ୍ଥିତିରେ ମୋଦି ସରକାର ସେମାନଙ୍କୁ ରୋଜଗାର ପନ୍ଥା ଦେଖାଇବା ପରିବର୍ତେ ନିଜର ପ୍ରଚାର ପ୍ରସାର ଓ ଦଳୀୟ ପାଣ୍ଠି ବଢ଼ାଇବାରେ ଲାଗିଛନ୍ତି। ବିଦେଶ ଯାତ୍ରାରେ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ସାଧାରଣ ଜନତା ଓ ଯୁବପିଢ଼ିଙ୍କ ଅବସ୍ଥାରେ କୌଣସି ପରିବର୍ତନ ଆସୁନାହିଁ। ଦେଶର ବିକାଶର ମୁଖ୍ୟ ସାରଥି କୁହାଯାଉଥିବା ଯୁବପିଢ଼ି ଯଦି ନିରାଶ ହୋଇ ବେକାର ବୁଲିବେ, ତେବେ ଉନ୍ନତି ହୋଇପାରିବ ନାହିଁ। ତେଣୁ ସରକାର ବେକାରୀ ସମସ୍ୟା ଦୂର କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଅନ୍ତୁ ବୋଲି ଡ. ଲେଙ୍କା ଦାବି କରିଛନ୍ତି। ଏହି ପ୍ରତିବାଦ ପ୍ରଦର୍ଶନରେ ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ନିରଂଜନ ନାୟକ, ସାଧାରଣ ସମ୍ପାଦକ ଜ୍ଞାନରଂଜନ ରାଉତ, ଦେବଦତ ପାତ୍ର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର, ଖୋର୍ଦ୍ଧା ଜିଲ୍ଲା ଯୁବକଂଗ୍ରେସ ସଭାପତି ସ୍ୱାଗତ କର, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ମାନସ କୁମାର ନାୟକ, ସୁଦୀପ ସାମଲ, ବିଶ୍ୱଜିତ ଲେଙ୍କା, ହରିଶଙ୍କର ଜେନା, ତପନ କୁମାର କାଣ୍ତି, ଅଭିଷେକ ପଟ୍ଟନାୟକ, ଶିଶିର ସାମଲ, ଶାହାରୁଖ ଖାନ, ନଳିନୀକାନ୍ତ ନାୟକ, ସୋନୁ ସ୍ୱାଇଁ, ରିତୁଲ ମହାରଣା, ସୁରଜ କୁମାର ରାଉତ, ବଳରାମ ନନ୍ଦ ପ୍ରମୁଖ ସାମିଲ ହୋଇ ବାଟରେ ଯାଉଥିବା ଯାତ୍ରୀଙ୍କୁ ଭିକ୍ଷା ମାଗିବା ସହ ଲୋକଙ୍କ ଜୋତା ପଲିସ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

## ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକରେ ଶବ୍ଦ, ସୁରକ୍ଷା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ



ବାଲେଶ୍ୱର (ପିଏନ୍)-ଚଳିତ ବର୍ଷ ବାଲେଶ୍ୱର ସହରର ଦୁର୍ଗାପୂଜାରେ ଶାନ୍ତି, ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧକ୍ଷତାରେ ବାଲେଶ୍ୱର ପ୍ରଶାସନ ଓ ସହରର ସମସ୍ତ ପୂଜା କମିଟିକୁ ନେଇ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସିନ୍ଦେ ପୂଜା କମିଟିର କର୍ମକର୍ତ୍ତାଙ୍କୁ ବୈଠକର ସହମତି ଭିତ୍ତିରେ ହୋଇଥିବା ନିଷ୍ପତ୍ତିର ଅନୁପାଳନ ପୂର୍ବକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପୂଜା ସମ୍ପନ୍ନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଗତ ଦୁଇବର୍ଷ ଧରି କୋଭିଡ଼ ମହାମାରୀ ଯୋଗୁଁ ବିଧିରକ୍ଷା ପାଇଁ ପୂଜା ହୋଇଆସୁଥିବାରୁ ଏ ବର୍ଷ ପୂଜା ପାଇଁ ସମସ୍ତଙ୍କ ଭିତରେ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଛି। ସହରରେ ପ୍ରାୟ ୧୫୦ଟି ମଣ୍ଡପରେ ମା'ଙ୍କର ପୂଜା ଅନୁଷ୍ଠିତ ହେବ। କୌଣସି ମୂର୍ତ୍ତି ୧୨ ଫୁଟ୍‌ରୁ ଅଧିକ ଉଚ୍ଚ ହେବନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ମେଡ଼ିକାଲ୍ ଛକରୁ ସିନେମା ଛକ ପର୍ଯ୍ୟନ୍ତ ଥିବା ସାଇଲେଣ୍ଟ ଜୋନ୍, ଡାକ୍ତରଖାନା, ବାଳାଶ୍ରମ ଓ ଶିକ୍ଷାନୁଷ୍ଠାନ ନିକଟରେ ଡାକବାଜୀ ଯନ୍ତ୍ର ନିଷେଧ କରାଯାଇଛି। ଭସାଣି ଶୋଭାଯାତ୍ରା ଆୟୋଜନ ନିମନ୍ତେ ୨୩ ତାରିଖରୁ ୨୬ ତାରିଖ ସମୟ ଅବଧି ରଖାଯାଇଛି। ପୂଜାରେ ୬୦ ଡ୍ରେସିବଲରୁ ଅଧିକ ଶବ୍ଦ ହେବ ନାହିଁ ଏବଂ ଡିଜେ ବ୍ୟବହାର ହେବନାହିଁ। ବିରାଷ୍ଟମୀ ଆଖଡ଼ା ସକାଳ ୭ଟାରୁ ସନ୍ଧ୍ୟା ୫ଟା ଏବଂ ଦଶହରା ଦିନ ସିନେମା ଛକରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଭସାଣୀ ଶୋଭାଯାତ୍ରା ନିମନ୍ତେ ସର୍ବାଧିକ ୪ଟି ସାଉଣ୍ଡ ବକ୍ସ ତଥା ୮ଟି ସ୍ପିକର ବ୍ୟବହାରକୁ ଅନୁମତି ମିଳିଛି। ଭସାଣି ନିମନ୍ତେ ୪ଟି ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯିବ। ପୂଜା ପୂର୍ବରୁ ସହରର ଖରାପ ହୋଇଥିବା ରାସ୍ତାଘାଟର ମରାମତି ନିମନ୍ତେ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଏସପି ଅମରେଶ ପାଣିଗ୍ରାହୀ, ଉପଜିଲ୍ଲାପାଳ ତଥା ବାଲେଶ୍ୱର ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ, ସିଡିଏମ୍‌ଓ ଦୁଲାଲ ସେନ ଜଗଦେବ, ସହକାରୀ ଜିଲ୍ଲପାଳ ଗିତିକା ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବି ୟୁ ଏସ ବିଦ୍ୟାପୀଠରେ ହିନ୍ଦୀ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ସରକାରୀ ବି ୟୁ ଏସ ବିଦ୍ୟାପୀଠ କାକବୋରାଇ ଠାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମପ୍ରଭା ଅଗସ୍ତି ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ସେବାନିବୃତ ପ୍ରଫେସର ଡ଼. ଭରତ ସିଂ ପରମାର, ମୁଖ୍ୟବକ୍ତା ଭାବେ ସି ଆର ସି ସି ରମେଶ ଚନ୍ଦ୍ର ଖଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରିୟବ୍ରତ ଦେ ମଂଚ ପରିଚାଳନା କରିଥିଲେ ଏବଂ ସର୍ବଶେଷରେ ହିନ୍ଦି ଶିକ୍ଷୟିତ୍ରୀ ଡକ୍ଟର ସୁସ୍ମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ବକ୍ତୃତା ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଯୌତୁକ ପାଇଁ ନବବଧୂକୁ ନିର୍ଯାତନା



ଖୋର୍ଦ୍ଧା (ପିଏନ୍)-ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ପଂଚାୟତ ସାମନ୍ତରାପୁର ଗ୍ରାମର ଜଣେ ନବବଧୂକୁ ବିବାହର ତିନି ବର୍ଷ ପରେ ଯୌତୁକ ଟଙ୍କା ପାଇଁ ବାଡେଇ ଲହୁଲୁହାଣ କରି ଦେଇଛନ୍ତି। ଏ ନେଇ ଝିଅର ମା ଧୋବୀ ଦେହୁରୀ ବେଗୁନିଆ ଥାନାରେ ଅଭିଯୋଗ କରିବା ସହ ୧୦୮ ଆମ୍ବୁଲାନସ ଯୋଗେ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଲିଖିତ ଅଭିଯୋଗ ସୂଚନା ମୁତାବକ, ମାଣିବନ୍ଧ ପଂଚାୟତ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ସ୍ୱର୍ଗତଃ ଶତ୍ରୁଘନ ଦେହୁରୀଙ୍କ ଝିଅ ପୂଜା ଗତ ତିନିବର୍ଷ ତଳେ କଟକ ଜିଲ୍ଲା ବଡମ୍ବା ଥାନା ଅନ୍ତର୍ଗତ ଜାଜିଆ ଗ୍ରାମର ପ୍ରଭାତ ନାୟକଙ୍କ ପୁଅ ପ୍ରଶାନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଏହି ବିବାହ ସମୟରେ ଯୌତୁକ ପାଇଁ କିଛି ଟଙ୍କା ବାକି ରହିଯାଇଥିବାରୁ ଶାଶୁ ନଳିନୀ, ନଣନ୍ଦ ରମା, ପିଙ୍କି ଓ ରିଙ୍କି ମିଶି ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ପୁଅ ଘର ପରିବାର ଲୋକମାନେ ସଂଘବଦ୍ଧ ଭାବେ ଝିଅକୁ ଠେଙ୍ଗାରେ ଆକ୍ରମଣ କରି ହାତ, ଗୋଡ, ପିଠି ଓ ଜଂଘକୁ ବାଡାବାଡି କରି ଫଟେଇ ଦେଇଥିଲେ। ଏଥିରେ ଜ୍ୱାଇଁ ପ୍ରଶାନ୍ତ ପତ୍ନୀକୁ ଆଣି ରକ୍ତଶ୍ରାବ ଅବସ୍ଥାରେ ଶ୍ୱଶୁର ଘରେ ଛାଡି ଦେଇ ଚାଲି ଯାଇଥିଲା ବୋଲି ଅଭିଯୋଗକାରିଣୀ ଝିଅର ମା' ଧୋବୀ କୋହଭରା କଣ୍ଠରେ କହିଥିଲେ।

## ଅଧ୍ୟାପନାର ୨୫ବର୍ଷ ପୂର୍ତି ଉପଲକ୍ଷେ ବୃକ୍ଷରୋପଣ ଓ ଆଲୋଚନାଚକ୍ର



ଖୋର୍ଦ୍ଧା (ପିଏନ୍)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ରମାମଣି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାଥୁଆଙ୍କ ଅଧ୍ୟାପନାର ୨୫ ବର୍ଷ ପୂର୍ତି ଉପଲକ୍ଷେ ବୃକ୍ଷରୋପଣ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ପଂଚାୟତର ପୂର୍ବତନ ସରପଂଚ ପ୍ରଶାନ୍ତ ବେହେରା, ପ୍ରାଧ୍ୟାପକ ପ୍ରଦୀପ ସାହୁ, ଖେଳ ଶିକ୍ଷକ ବିଜୟ ପଟ୍ଟନାୟକ ଓ କିରାଣୀ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ରହି ବୃକ୍ଷରୋପଣ କରାଯାଇଥିଲା। ଏଥିରେ ବଉଳ, ଲିମ୍ବ ଓ କରଞ୍ଜ ସମେତ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିବା ବେଳେ +୨ ବିଜ୍ଞାନର ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ।




## ଓଡିଶା ମୋ ପରିବାର ସହାୟତା ରେ ଘରକୁ ଫେରିଲା ମୃତ ଶିଶୁ

ବଲାଙ୍ଗିର,(ପି.ଏନ): ଅର୍ଥ ଅଭାବରୁ ନିଜ ଘରକୁ ଫେରି ପାରୁନଥିଲା ଦୁଇ ବର୍ଷର ଶିଶୁର ମୃତ ଶରୀର । ବାପା ମା' ଦୁହିଁଙ୍କର ଅସହାୟତାକୁ ଦେଖି ସହାୟତାର ହାତ ବଢାଇଲା ଓଡ଼ିଶା ମୋ ପରିବାର । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳର ବାସିନ୍ଦା ଗୋପାଳ ଭୁଏଁଙ୍କର ଦୁଇ ବର୍ଷର ପୁଅ ରୋଷନ ଭୁଏ ଲିଭର ଟ୍ୟୁମର୍ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ତାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ଚାଲିଥିଲା । ଦୁର୍ଭାଗ୍ୟବଶତଃ, ଗତ ସେପ୍ଟେମ୍ବର ୧୯ତାରିଖରେ ରୋଷନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ବାପା ଓ ମା' ଦୁହେଁ ପୁଅକୁ ହରାଇ ମାନସିକ ସ୍ତରରେ ପୁରା ଭାଙ୍ଗି ପଡ଼ିଥିଲେ ଏବଂ ଆର୍ଥିକ ଚାପରେ ଥିବାରୁ ପୁଅର ମୃତ ଶରୀର ନିଜ ଗ୍ରାମକୁ ନେବା ପାଇଁ ଅସମର୍ଥ ଥିଲେ । ଶେଷରେ ଅସହାୟ ହୋଇ ସେମାନେ ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ କଟକ ସିଟି ସଂଯୋଜକ ଡଃ ରଞ୍ଜନ ବିଶ୍ୱାଳଙ୍କୁ ଯାତାୟାତ ସହାୟତା ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ଡଃ ବିଶ୍ୱାଳ ଘଟଣା ସମ୍ପର୍କରେ ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ । ଏ ବିଷୟରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ସଙ୍ଗେ ସଙ୍ଗେ ଶ୍ରୀ ସାମନ୍ତରାୟ, ଓଡ଼ିଶା ମୋ ପରିବାର ଟିମ୍ ସହିତ ସମ୍ ହସ୍ପିଟାଲରେ ପହଞ୍ଚି କୁନିପୁଅର ମୃତଶରୀର ବଲାଙ୍ଗିର ସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ । ଏହି ସମସ୍ତ ପ୍ରକ୍ରିୟାକୁ ସମ୍ ହସ୍ପିଟାଲରେ ଥିବା ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ରଶ୍ମିରଞ୍ଜନ ପ୍ରଧାନ ଓ ସାଗର ପାଇକରାୟ ସଂଯୋଜନା କରାଇଥିଲେ । ମୃତଦେହ ପାଟଣାଗଡ଼ ସ୍ଥାନାନ୍ତର ହେବା ପରେ ବଲାଙ୍ଗିର ଜିଲ୍ଲା ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ସଂଯୋଜକ ସାଗର ସଙ୍ଗମ ଶତପଥି ଏବଂ ବିଜୁ ଯୁବ ଜନତା ଦଳର ୧୪ନଂ ଜୋନ୍ ସଭାପତି ଅରକ୍ଷିତ ଦଣ୍ଡସେନା ପରିବାର ସଦସ୍ୟଙ୍କ ସହିତ ଉପସ୍ଥିତ ରହି ଶେଷକୃତ୍ୟ ସମ୍ପନ୍ନରେ ସାହାଯ୍ୟ କରିଥିଲେ ।

## କବ୍ ବୁଲବୁଲ୍ ଉତ୍ସବ ଉଦଘାଟିତ

ଖୋର୍ଦ୍ଧା, (ପି.ଏନ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ତା୧୯।୯।୨୨ରିଖ ଠାରୁ ତା୨୩.୯.୨୦୨୨ରିଖ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟ ପରିସରରେ ଏକ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦଘାଟିତ ହୋଇଯାଇଛି । ରାଜ୍ୟର ୧୧ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୫୩୫ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି । ଅପରାହ୍ନ ୪.୦୦ ସମୟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅତନୁ ସବ୍ୟସାଚୀ ନାୟକ ଉତ୍ସବରେ କବ୍ ବୁଲ୍‌ବୁଲ୍ ମାନଙ୍କର ଉତ୍ସାହର ସହ ଯୋଗଦାନକୁ ଦେଖି ତାଙ୍କ ଉଦ୍‌ଘାଟନୀ ଭାଷଣରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିବା ସହିତ ଏହି ଉତ୍ସବ ଭବିଷ୍ୟତରେ ସେମାନଙ୍କର ମାନସିକ ବିକାଶ ଦିଗରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ । ସମ୍ମାନୀତ ଅତିଥିଭାବେ ଉପସଭାପତି ଡ଼ଃ. ମିନତୀ ବେହେରା, ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଏବଂ ପ୍ରୀତିଛନ୍ଦା ଧଳ ମଧ୍ୟ ଅନୁରୂପ ଭାବେ କବ୍ ବୁଲ୍‌ବୁଲ୍ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଉତ୍ସବର ସଫଳତା କାମନା କରିଥିଲେ ।ସେହିପରି ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଓଡିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ, ଆଇଏଏସ୍ ଏବଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ପୋଲିସ କମିଶନର, ଭୁବନେଶ୍ୱର-କଟକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇପିଏସ୍ କୁନି କୁନି ପିଲା ମାନଙ୍କର ବିଭିନ୍ନ ପ୍ରତିଯୋଗିତାକୁ ଦେଖିଥିଲେ ଏବଂ କ୍ୟାମ୍ପରେ ପିଲାଙ୍କ ରହଣୀ ତାଙ୍କ ଭିତରେ ଭାତୃଭାବ, ସମାନତା ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ । ପରିଶେଷରେ ରାଜ୍ୟ ସମ୍ପାଦକଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦୁଝର ଜିଲ୍ଲା ସମ୍ମିଳନୀ ପାଇଁ ଏଆଇଟିୟୁସି ର ପ୍ରସ୍ତୁତି ବୈଠକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାର ସର୍ବବୃହତ ଶ୍ରମିକ ସଂଗଠନ ତଥା ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନାରେ ଶ୍ରମିକ ସମସ୍ୟା ପାଇଁ ଦୀର୍ଘ ୩୦ବର୍ଷରୁ ଅଧିକ ଦିନ ଧରି ଆନ୍ଦୋଳନ ଜାରୀ ରଖିଥିବା ଏକମାତ୍ର ଲଢୁଆ ସଂଗଠନ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ର ଜିଲ୍ଲା ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୨୩ ଓ ୨୪ ତାରିଖ ଦୁଇଦିନ ଧରି କେନ୍ଦୁଝର ସହରରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ କରାଯାଇ ଜିଲ୍ଲା ସମ୍ମିଳନୀ କିପରି ସଫଳ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ୨୩ ତାରିଖ ଶୁକ୍ରବାର ଦିନ ହଜାର ହଜାର ଶ୍ରମିକମାନଙ୍କର ସମାବେଶ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହେବ । ଦିନ ୧୧ଟା ସମୟରେ କାଳୀପଡିଆଠାରୁ ଏକ ଶ୍ରମିକ ପଟୁଆର ବାହାରିବ । ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ । ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ତଥା ଆକାଶଛୁଆଁ ଦରବୃଦ୍ଧି, ପେଟ୍ରୋଲ ଓ ଡିଜେଲ ର ଦରବୃଦ୍ଧି, ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନ ର ପରିବର୍ତ୍ତନ, ନୂତନ କାରଖାନା ପ୍ରତିଷ୍ଠା ନକରି ଚାଲୁଥିବା କାରଖାନା ବନ୍ଦ କରିବା, ସରକାରୀ ଶିଳ୍ପକୁ ପ୍ରଧାନମନ୍ତ୍ରୀଙ୍କ ଦୁଇବନ୍ଧୁ ଆଦାନୀ ଓ ଅମ୍ବାନୀଙ୍କୁ ବିକ୍ରୀ କରିବା, ଭାରତୀୟ ରେଳ ଓ ଡିଫେନ୍ସ ଭଳି ସମ୍ବେଦନଶୀଳ ସଂସ୍ଥାକୁ ବିଦେଶୀ କମ୍ପାନୀକୁ ବିକ୍ରି କରିବା ଆଦି ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ଏହି ସମ୍ମିଳନୀ ଡାକରା ଦେବ । ବେକାରୀ ସଂଖ୍ୟା ବଢିବାରେ ଲାଗିଥିଲେ ମଧ୍ୟ ସରକାର ଚୁପ୍ ରହିବାକୁ ଜନସାଧାରଣ ବରଖାସ୍ତ କରିବେ ନାହିଁ । ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନାକୁ ପ୍ରତିନିଧିମାନେ ଯୋଗ ଦେବେ । ଏଆଇଟିୟୁସି ର ଜାତୀୟ ସଂପାଦକ ତଥା କେନ୍ଦୁଝର ମାଇନ୍ସ ଓ ଫରେଷ୍ଟ ୱାର୍କସ ୟୁନିୟନର ସଭାପତି ରାମକୃଷ୍ଣ ପଣ୍ଡା, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ଅନ୍ୟତମ ନେତା ଦିବାକର ନାୟକ ଓ ପ୍ରଶାନ୍ତ ପାଟଯୋଶୀ ପ୍ରମୁଖ ଭାଗ ନେବେ । ଜିଲ୍ଲା ନେତୃତ୍ୱ ବିଦ୍ୟାଧର ମହାନ୍ତ, କପିଳ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସାଧାରଣ ସଂପାଦକ ମହେଶ୍ୱର ରାଉତ ପ୍ରକାଶ କରିଛନ୍ତି ।

## ବଡଭାଇର ମାଡରେ ସାନର ମୃତ୍ୟୁ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ନୂଆସାହିରେ ବଡ଼ଭାଇର ନିସ୍ଠୁର ମାଡ଼ରେ ସାନର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ରାଜମୋହନ ସେନାପତି । ଅଭିଯୁକ୍ତ ବଡଭାଇ ବିଶ୍ୱମୋହନ ସେନାପତିକୁ ପୋଲିସ ଗିରଫ କରିଛି ।ସୂଚନା ଅନୁସାରେ ନୂଆସାହି ଅଂଚଳର ବିଶ୍ୱମୋହନ ସେନାପତି ବଡ଼ ଭାଇ ଏବଂ ସେ ଏମ୍‌ବିଏ ପଢ଼ିଛନ୍ତି । କିନ୍ତୁ ସାନଭାଇ ଏମ୍‌ବିଏ ପାଠ ପଢ଼ିସାରିଲା ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିଲେ । କିନ୍ତୁ ଅନେକ ଥର ପରୀକ୍ଷା ଦେଲା ପରେ ମଧ ତାଙ୍କୁ ସଫଳତା ମିଳିପାରୁ ନଥିଲା । ଏହି କାରଣରୁ ଉଭୟ ବିଶ୍ୱମୋହନ ଓ ରାଜମୋହନ ଭିତରେ ମଝିରେ ମଝିରେ ଯୁକ୍ତିତର୍କ ହେଉଥିଲା । ମଙ୍ଗଳବାର ରାଜମୋହନଙ୍କୁ ପାଠ ପଢ଼ିବାକୁ ତାଗିଦ କରି ବିଶ୍ୱମୋହନ କାଠ ଫାଳିଆ ଓ ଆଲୁମିନିୟମ୍ ପାଇପ୍‌ରେ ନିସ୍ଠୁର ମାଡ଼ ମାରିଥିଲେ । ଫଳରେ ରାଜମୋହନଙ୍କ ମୃତ୍ୟୁ ଘଟିଥିଲା ।

## କଳକାରଖାନାରୁ ନିର୍ଗତ ବିଷାକ୍ତ ଦୂଷିତ ଜଳ ନଦୀକୁ ଛଡାଯିବା ଘଟଣାକୁ ନଦୀ ସୁରକ୍ଷା ସମିତିର ବିରୋଧ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ରହିଥିବା ଅନେକ କଳକାରଖାନା ର ଦୂଷିତ ତଥା ବିଷାକ୍ତ ଜଳ ନଦୀ ମାନଙ୍କରେ ମିଶୁଛି । ଯାହାକୁ ତୀବ୍ର ରିରୋଧ କରିଛି କେନ୍ଦୁଝର ନଦୀ ସୁରକ୍ଷା ସମିତି । କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦା ଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର ପ୍ଲାଂଟରୁ ନିର୍ଗତ କେମିକାଲ ମିଶା ଦୂଷିତ ଜଳ କମ୍ପାନୀ ସିଧା ସଳଖ ମୃଗା ନାଳରେ ଛାଡୁଥିବାରୁ ବୈତରଣୀ ନଦୀର ଜଳ ବିଷାକ୍ତ ଓ ପ୍ରଦୂଷିତ ହୋଇଯାଇଛି । ମୃଗା ନାଳ ଓ ବୈତରଣୀର ନଦୀର ଜଳକୁ ବ୍ୟବହାର କରୁଥିବା ଲୋକମାନେ ଉଦର ରୋଗ ସହ ନାନଦି ସଂକ୍ରାମଣ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ଦୂଷିତ ଜଳକୁ ବ୍ୟବହାର କରୁଥିବା ଜଳଚର ଜୀବ ଓ ଅନ୍ୟାନ୍ୟ ପଶୁପକ୍ଷୀମାନେ ମଧ୍ୟ ମରିଯାଉଥିବା କୁହାଯାଇଛି । ଏପରିକି କାରଖାନାରୁ ନିର୍ଗତ ଏହି ବିଷାକ୍ତ ଜଳଦ୍ୱାରା ଚାଷୀମାନଙ୍କର ଜମିର ଉର୍ବରତା ହ୍ରାସ ପାଇବା ସହ ଅନେକ ଜମିରେ ଫସଲ ମଧ୍ୟ ଫଳୁ ନାହିଁ । ଜିନ୍ଦଲ କମ୍ପାନୀ ତାର କାରଖାନାରୁ ନିର୍ଗତ ଜଳକୁ ଓ୍ୱାଟର ଟ୍ରିଟମେଟଂ ପ୍ଲାଂଟରେ ବିଶୋଧନ କରି ବ୍ୟବହାର ଉପେଯାଗୀ କରିବା ପରେ ପୁନର୍ବାର ସେହି ଜଳକୁ ବ୍ୟବହାର କଥା । କିନ୍ତୁ କମ୍ପାନୀ ତାହା ନକରି କାରକାନାରୁ ନିର୍ଗତ ସମସ୍ତ ବି,।କ୍ତ ଜଳକୁ ନଦୀକୁ ଛାଡି ଦେଉଥିବାରୁ ମୃଗା ନଦୀ ଓ ବୈତରଣୀ ନଦୀ ଆଜି ସଂପୁର୍ଣ୍ଣ ଭାବେ ପ୍ରଦୂଷିତ ହୋଇପଡିଛି । ଯାହା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏହି ନାଳ , ନଦୀ କୂଳରେ ବାସ କରୁଥିବା ଲୋକମାନେ ସେହି ଦୂଷିତ ଜଳ ବ୍ୟବହାର କରି ନାନାଦି ରୋଗରେ ପଡୁଛନ୍ତି । ଅନ୍ୟ ପକ୍ଷରେ ଜିନ୍ଦଲ ଷ୍ଟିଲ ଓ ପାଓ୍ୱାର ଲିମିଟେଡ କାରଖାନରୁ ନିର୍ଗତ ଧୁଆଁ ଓ ଧୂଳି , ଆଖପାଖ ଅଂଚଳର ପରିବେଶକୁ ଦୂଷିତ କରୁଛି । ଘରଦ୍ୱାର ଗଛ ଲତା ଆଦି ସବୁଥିରେ ଏହି ଧୂଳି ଧୁଆଁ ର ଆସ୍ତରଣ ହୋଇ ଜମି ରହୁଛି । ଫଳରେ ଲୋକମାନେ ବିଭିନ୍ନ ପ୍ରକାର ଶ୍ୱାସ ଜନିତ ରୋଗ ପୀଡିତ ହେଉଛନ୍ତି । ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ ୍ୟାର ବିରୁଦ୍ଧରେ ଜାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଙ୍କୁ ଲିଖିତ ନିବେଦନ କରିଛି ସମିତି । ଯଦି ଏ ବିଷୟରେ ଯଦି ପଦକ୍ଷେପ ନିଆ ନ ଯାଏ ତେବେ ନଦୀ ସୁରକ୍ଷା ସମିତି ପକ୍ଷରୁ ବ୍ୟାପକ ଜନ ଆନ୍ଦୋଳନ କରାଯିବା ସହ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ନଦୀ ସୁରକ୍ଷା ସମିତି ର ରାଜ୍ୟ ସଭାପତି ମହେଶ୍ୱର ସାହୁ ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ

ପୁରୀ ,(ପି.ଏନ): ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚଳିତ ମାସ ୩୦ ତାରିଖରେ ଆୟୋଜିତ ହେବ ଯୁବ ଉତ୍ସବ । ଏହାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଯୁବ ବର୍ଗ ମଧ୍ୟରେ ଏହି ପ୍ରତିଯୋଗିତା ପାଇଁ ଓ ଯୋଗ ଦାନ ପାଇଁ ଉତ୍ସାହ ଥିବାରୁ ଏହାକୁ ସରସ ସୁନ୍ଦର ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ବୈଠକ ର ନିଷ୍ପତି ଅନୁସାରେ ଏହି ଉତ୍ସବ ଚଳିତ ମାସ ୩୦ ତାରିଖରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ । ଇଂରାଜୀ ବା ହିନ୍ଦୀ ରେ କବିତା ଲିଖନ, ଚିତ୍ରାଙ୍କନ, ଫଟୋଗ୍ରାଫି, ବକ୍ତୃତା, ଲୋକ ନୃତ୍ୟ ଓ ଯୁବ ସମ୍ବାଦ । ୨୦୪୭ ବିଷୟ କୁ ନେଇ ଆଲୋଚନା ବକ୍ତୃତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ । ସକାଳ ୯ ଘଟିକାରୁ ନାମ ପଞ୍ଜିକରଣ ପରେ ଲୋକ ନୃତ୍ୟ ଓ ଯୁବ ସମ୍ବାଦ ଆଲୋଚନା ବକ୍ତୃତା ପ୍ରତିଯୋଗିତା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ । ସେହିପରି ଅନ୍ୟ ସମସ୍ତ ପ୍ରତିଯୋଗିତା ପୁରୀ ୟୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହେବ ।ଏହି ବୈଠକରେ ନେହେରୁ ଯୁବ କେନ୍ଦ୍ର ର ସଂଯୋଜକ ଜୟ ଶଙ୍କର ଜୋଶୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ,ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ସମାଜସେବୀ ତଥା ସଂଗଠକ ରାଜେଶ କୁମାର ମହାନ୍ତି, ବଦ୍ରି ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଓ ଅନ୍ୟାନ୍ୟ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍

ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

## ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଓଝାଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭ୍ୟ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଂଚାୟତର ବରିଷ୍ଠ ନିର୍ମାଣ ଶ୍ରମିକ ଲକ୍ଷ୍ମୀଧର ଓଝାଙ୍କ କଟକ ବଡ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ତାଙ୍କ ଅକାଳ ବିୟୋଗରେ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ନାରାୟଣ ସେଠୀ, ସେକ ରିଆଜୁଦ୍ଦିନ, ଗୋପାଳ ଲେଙ୍କା, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦିପ୍ତ ସାମଲ, ମନୋଜ ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି ।

## ଅକ୍ଟୋବର ୧୩ରୁ ଉପନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ପାଇଁ ତାଲିମ ଶିବିର

### ଅନୁପସ୍ଥିତ ରହିଲେ ହେବ କଡା କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର(ପିଏନ)- ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ-ନିର୍ବାଚନ ପାଇଁ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଅକ୍ଟୋବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଅକ୍ଟୋବର ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ହେବାକୁ ଥିବା ଏହି ତାଲିମରେ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରମାନେ ଭାଗ ନେବେ । ଜିଲ୍ଲା ସ୍କୁଲର ୧୬ଟି କକ୍ଷରେ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଅକ୍ଟୋବର ୧୩ତାରିଖ ଦିନ ୫୧୯ଜଣ ଓ ୧୪ତାରିଖ ଦିନ ୫୧୯ଜଣ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ ଦିଆଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ତାଲିମରେ ଅକ୍ଟୋବର ୧୯ ତାରିଖ ଦିନ ୫୧୯ଜଣ ଓ ୨୦ ତାରିଖ ଦିନ ୫୧୯ଜଣଙ୍କୁ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯିବ । ୩୨ଜଣ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଓ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନରଙ୍କ ସମେତ ୩୨ଜଣ ସେକ୍ଟର ଅଫିସର ଏହି ପ୍ରଶିକ୍ଷଣ ପ୍ରଦାନ କରିବେ । କୋଭିଡ ନିୟମର ଅନୁପାଳନ ପୂର୍ବକ ସମସ୍ତଙ୍କୁ ତାଲିମ ଦେବା ବ୍ୟବସ୍ଥା କରାଯାଇଛି । ସମସ୍ତ ପୋଲିଂ କର୍ମଚାରୀମାନଙ୍କ ପାଇଁ ଏହି ତାଲିମ ବାଧ୍ୟତାମୂଳକ କରାଯାଇଛି । ଯିଏ ଏହି ତାଲିମ ଶିବିରରେ ଅନୁପସ୍ଥିତ ରହିବେ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି ।

## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ତ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

## ଜିଲ୍ଲାରେ ପୁଣି ୪୯ ଜଣ ସଂକ୍ରମିତ ଚିହ୍ନଟ, ମୋଟ ୫,୧୦୦

କନ୍ଧମାଳ,(ପିଏନ)- ଜଣେ ଆୟୁଷ ଡାକ୍ତରଙ୍କ ସମେତ ୪ ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ନୂଆ ୪୯ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହା ସହିତ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୧୦୦ ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୪,୬୮୯ ଜଣ ଅର୍ଥାତ ଆଜି ସୁଦ୍ଧା ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ୯୧.୯୪ ପ୍ରତିଶତ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୫ ରହିଛି ବର୍ତ୍ତମାନ ସୁଦ୍ଧା କରୋନା ଜନିତ ମୃତ୍ୟୁ ହାର ୦.୪୯ ପ୍ରତିଶତ ରେ ରହିଛି । ଆଉ ୩୮୬ ଜଣ ସଂକ୍ରମିତ ଅର୍ଥାତ ମୋଟ ସଂକ୍ରମିଙ୍କ ୭.୫୭ ପ୍ରତିଶତ ରୋଗୀ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୫ ଜଣ ଓ ଗ୍ରାମାଂଚଳରେ ୩ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବାଲିଗୁଡା ଗ୍ରାମାଂଚଳରେ ୨ ଜଣ, ଘୁ.ଉଦୟଗିରିର ବିଜ୍ଞାପିତ ଅଂଚଳରେ ୩ ଜଣ ଏବଂ ଗ୍ରାମାଂଚଳରେ ଜଣେ ଚିହ୍ନଟ ହୋଇଥିବାବେଳେ କ.ନୁଆଗାଁର ଜଣେ ଜଣ,ଚକାପାଦରେ ୭, ଦାରିଙ୍ଗବାଡିର ୫ ,ଫିରିଙ୍ଗିଆ ୬,ରାଇକିଆ ୧୦,ଟିକାବାଲିର ୪, ତୁମୁଡିବନ୍ଧ ଅଂଚଳରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏହାସହିତ କରୋନାରେ ଆକ୍ରାନ୍ତ ହୋଇ ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସାଧିନ ଥିବା ରୋଗୀଙ୍କ ପରିବାର ଲୋକଙ୍କର ସୁବିଧା ପାଇଁ ଏବଂ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଫୁଲବାଣୀ କୋଭିଡ ହସପିଟାଲରେ ଆଜି ଠାରୁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି । ଏହି ହେଲ୍ପ ଡେସ୍କକୁ ଯୋଗାଯୋଗ କରିବାକୁ ସେଠାରେ ପ୍ରଦାନ କରାଯାଇଥିବା ଏକ ନମ୍ବର(୮୪୮୦୩୮୭୫୩୫)ରେ ଯୋଗାଯୋଗ କରିବାକୁ କନ୍ଧମାଳ ଜିଲ୍ଲାପାଳ ଆଜି ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ କରୋନା ସଂକ୍ରମଣ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ କାମରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି ।

## ଯୋଡାର ଗ୍ରାମୀଣ ମହିଳାଙ୍କ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ୨୧୯ ଜଣ ମହିଳାଙ୍କ ଅଂଶଗ୍ରହଣ



ଯୋଡା,(ପି.ଏନ):ମହିଳା ମାନଙ୍କୁ ବାସ୍ତବିକ ନେତୃତ୍ୱ କ୍ଷମତା ସମ୍ପର୍କରେ ଅବଗତ କରାଇବା ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସାମାଜିକ ଓ ଭାବନାତ୍ମକ ଦୃଢତାକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲ ସିଏସ୍‌ଆର ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅତି ନିକଟରେ ଓଡିଶାର କେନ୍ଦୁଝର ଜିଲ୍ଲାର ଯୋଡା ଠାରେ ଏକ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ୬ଟି କାର୍ଯ୍ୟକ୍ରମରେ ନିକଟସ୍ଥ ଜଜାଙ୍ଗ, ବନ୍ଧୁଆବେଡା, ନମିରା, ଗୁରୁଡା, ଖଣ୍ଡବନ୍ଧ, ଜଳହରି ଗ୍ରାମ ଓ ଯୋଡା ପୌରପାଳିକା ଅନ୍ତର୍ଗତ ଅଂଚଳ (ସହିଦ ନଗର ଏବଂ ମୁସଲିମ ବସ୍ତି)ର ୨୧୯ଜଣ ଗ୍ରାମୀଣ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଅଧିବେସନରେ ପ୍ରଶିକ୍ଷକ ରୂପେ ଯୋଗ ଦେଇଥିବା ବ୍ୟକ୍ତି ଅଂଶଗ୍ରହଣକାରୀଙ୍କୁ ପ୍ରଭାବୀ ଢଙ୍ଗରେ ଜୀବନଯାପନ, ମାନବ ସମ୍ପର୍କ ଏବଂ ଦଳ ଗଠନ, ଆନ୍ତରିକ ବିକାଶ, ଅଗ୍ରଗତି ଓ ପ୍ରତିବଦ୍ଧତା, କାର୍ଯ୍ୟ ନୀତି, ଖାଲି ସମୟରେ ଉପଯୋଗ, ଶୁଦ୍ଧତା, ସଚ୍ଚୋଟତା, ନିସ୍ୱାର୍ଥପରତା, ଭଲ ପାଇବା ଇତ୍ୟାଦି ମାଧ୍ୟମରେ ପ୍ରଭାବୀ ନେତୃତ୍ୱ କ୍ଷମତା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଅଂଶଗ୍ରହଣକାରୀ ମାନଙ୍କୁ ସ୍ଥାନୀୟ ଲୋକଙ୍କ ସମସ୍ୟା ବିଶେଷ ଭାବେ ମହିଳା ଓ ବାଳିକାଙ୍କ ସମ୍ପର୍କିତ ମାମଲାର ସମାଧାନ ଦିଗରେ ଦକ୍ଷତା ବିକାଶ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କମଳାପୁର ଗ୍ରାମର ଜଣେ ଅଂଶଗ୍ରହଣକାରୀ କୌଶଲ୍ୟା ବେହେରା କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆମ ପାଇଁ ବେଶ୍ ସହାୟକ ହେବ । ଯେଉଁଥିରେ ଆମେ ସର୍ବନିମ୍ନ ସାଧନ ଓ ସୁବିଧା ସହିତ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ବିଷୟରେ ବହୁ ଗୁଡିଏ ଶିକ୍ଷା ଲାଭ କରିଛୁ । ଏହା ବ୍ୟତୀତ ଏହା ଆମକୁ ଏକ ଦାୟିତ୍ୱବାନ ନାଗରିକ ହେବା ଦିଗରେ ଶିକ୍ଷା ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଖୁସି ପ୍ରକାଶ କରି ପାଣ୍ଡିଆ ଗ୍ରାମର ଗାୟତ୍ରୀ ପାତ୍ର କହିଛନ୍ତି ଯେ ଆମ ସମାଜରେ ଆମ ଦକ୍ଷତାର ବିକାଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହା ଦୀର୍ଘସ୍ଥାୟୀ ଭାବରେ ଆମକୁ ଜୀବିକା ନିର୍ବାହ କରିବାରେ ସହାୟତା କରିବ । ଏହି ପଦକ୍ଷେପ ପାଇଁ ମୁଁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ମାନଙ୍କୁ ନିଜର ଅର୍ଜିତ ଜ୍ଞାନକୁ ଅନ୍ୟ ମାନଙ୍କ ସହିତ ସେୟାର କରିବା ସହିତ ନିତିଦିନିଆ ଜୀବନରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରିବ ।

## କିମ୍ସରେ ଆର୍ଥ୍ରୋପ୍ଲାଷ୍ଟି ସମ୍ମିଳନୀ




ଭୁବନେଶ୍ବର,(ପି.ଏନ): ଅର୍ଥ୍ରୋପ୍ଲାଷ୍ଟି ଅସ୍ତ୍ରୋପଚାର ଓ ପ୍ରତିରୋପଣରେ ଅଧିକାଂଶ ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଧାତୁର ବ୍ୟବହାର କରାଯାଏ। କାରଣ ଏହି ଧାତୁଗୁଡ଼ିକ ପ୍ରତିରୋପଣର ମୌଳିକ ଉପାଦାନ। ଏହି ଉପାଦାନଗୁଡ଼ିକର ଅବକ୍ଷୟ ହେତୁ ସଂକ୍ରମଣ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ବୟସ୍କମାନେ ମଧୁମେହ, ଆର୍ଥ୍ରାଇଟିସ୍ କିମ୍ବା ଏକକାଳୀନ ଦୁଇ କିମ୍ବା ଅଧିକ ରୋଗର ଉପସ୍ଥିତି (କୋମୋରବିଡିଟିସ୍) ଯୋଗୁଁ ନାନା ଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସମୟକୁ ସମୟ ଆଲୋଚନା ମାଧ୍ୟମରେ ଏହି ସବୁ ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ବୋଲି କିମ୍ସରେ ଅନୁଷ୍ଠିତ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳାରେ ଅର୍ଥ୍ରୋପ୍ଲାଷ୍ଟି ସର୍ଜନମାନେ ମତ ପ୍ରକାଶ କରିଛନ୍ତି। ଏହି କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଖ୍ୟାତି ସମ୍ପନ୍ନ ଆର୍ଥ୍ରୋପ୍ଲାଷ୍ଟି ସର୍ଜନ ଯୋଗ ଦେଇ ଅର୍ଥ୍ରୋପ୍ଲାଷ୍ଟି ଅସ୍ତ୍ରୋପଚାର ଓ ପ୍ରତିରୋପଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନର ସଭାପତି ଡା. ରାଜୀବ ଶର୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅର୍ଥ୍ରୋପ୍ଲାଷ୍ଟି ସର୍ଜନମାନେ ମିଳିତଭାବେ ପ୍ରତିରୋପଣ, ଅସ୍ତ୍ରୋପଚାର ଚ୍ୟାଲେଞ୍ଜ ଏବଂ ଜଟିଳତା ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜରୀରୁ ସୃଷ୍ଟି ହେଉଥିବା ବିପଦ ଏବଂ ଜଟିଳତାକୁ କମ୍ କରିବା ଦିଗରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା।କିମ୍ସ ଅର୍ଥୋପେଡିକ୍ସ ବିଭାଗ ମୁଖ୍ୟ ତଥା ଓଡ଼ିଶା ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନର ସଭାପତି ପ୍ରଫେସର ଡା. ତନ୍ମୟ ମହାନ୍ତି ଏହା ଉପରେ ଅଧିକ ଆଲୋଚନା କରିବା ସହ ଏଭଳି ସମ୍ମିଳନୀ ଦ୍ୱାରା ଯୁବ ଆର୍ଥ୍ରୋ-ସର୍ଜନମାନେ ବରିଷ୍ଠଙ୍କଠାରୁ ଅଭିଜ୍ଞତା ହାସଲ କରିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏଥିରେ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନ୍ ସଭାପତି ଡା. ଆରକେ ମହାପାତ୍ର, ସମ୍ପାଦକ ଡା. ବସନ୍ତ କୁମାର ବେହେରା ଏବଂ ଓଡ଼ିଶା ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନ ସମ୍ପାଦକ ଡା. ଦେବବ୍ରତ ପାଢ଼ୀ, ଡା. ଧନସେଖର ରାଜା, ଡା. ଅନୀଲ ଓମେନ, ଡା. ସ୍ୱର୍ଣ୍ଣେନ୍ଦୁ ସାମନ୍ତ, ଡା. ସଞ୍ଜୀବ ବେହେରା, ଡା. ବିଏସ୍ ମୂର୍ତ୍ତି ଏବଂ ଡା. ଶୁଭ୍ରାଂଶୁ ଏସ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରର ଆୟୋଜନ କମିଟି ଅଧ୍ୟକ୍ଷ ଡା. ଦେବାଶିଷ ମିଶ୍ର, ସମ୍ପାଦକ ଡା. ଶାଶ୍ୱତ ସାମନ୍ତ, ସହ-ସମ୍ପାଦକ ଡା. ସୌରଭ ନାରାୟଣ ନନ୍ଦ, ସାଇଣ୍ଟିଫିକ୍ କମିଟିର ସଭାପତି ଡା. ସନ୍ତୋଷ ରଥଙ୍କ ସମେତ ବହୁ ବିଶେଷଜ୍ଞ ଯୋଗ ଦେଇଥିବା ବେଳେ ଆର୍ଥ୍ରୋପ୍ଲାଷ୍ଟି ଉପରେ ପିଜିସ୍ତରୀୟ କୁଇଜ୍ ପ୍ରତିଯୋଗିତା, କେସ୍ ଭିତ୍ତିକ ଆଲୋଚନା, ଉପଦେଶମୂଳକ ବକ୍ତୃତା ଏବଂ ଲାଇଭ୍ ସର୍ଜରୀ ଅନୁଷ୍ଠିତ ହୋଇଥିଲା।

## ଅକ୍ଟୋବର ୧ ରୁ ଉପନିଯୋଜନ କାର୍ଯ୍ୟାଳୟରେ ନାମ ପିକରଣ ଓ ନବୀକରଣ ଅନ୍‌ଲାଇନ୍‌ରେ ହେବ

କେନ୍ଦୁଝର,(ପି.ଏନ):ଆଗାମୀ ଅକ୍ଟୋବର ୧ ତାରିଖରୁ କେନ୍ଦୁଝର ଜିଲ୍ଲାର ଉପନିୟୋଜନ କାର୍ଯ୍ୟାଳୟ ମାନଙ୍କରେ ନାମ ପିକରଣ ଓ ନବୀକରଣ ପ୍ରକ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି । ଏଥି ନିମନ୍ତେ ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ନିକଟସ୍ଥ କମନ୍ ସର୍ଭିସ୍ ସେଣ୍ଟର (ସେବା କେନ୍ଦ୍ର), ମୋ ସେବା କେନ୍ଦ୍ର କିମ୍ବା ନିଜ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମାଧ୍ୟମରେ ନାମ ପିକରଣ, ନବୀକରଣ ପାଇଁ ଆବେଦନ କରିପାରିବେ । ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ୨୦ ଦିନ ମଧ୍ୟରେ ଆବେଦନପତ୍ରର ବୈଧତା ଓ ସ୍ଥିତି ସମ୍ପର୍କରେ ଜିଲ୍ଲା ନିୟୋଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଯାଞ୍ଚ କରାଇ ବୈଧ ପିକରଣପତ୍ର ନବୀକରଣ ପତ୍ର ପାଇପାରିବେ । ଅନ୍‌ଲାଇନ୍ ପିକରଣ, ନବୀକରଣ ଆବେଦନ ପ୍ରକ୍ରିୟା ଯାଞ୍ଚ ପ୍ରକ୍ରିୟାର ସମସ୍ତ ତଥ୍ୟ www.empmissionodisha.gov.in ୱେବ୍‌ସାଇଟ୍ ରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ deokjremail.com ଯୋଗେ ସମ୍ପର୍କ କରିବାକୁ ସୂଚନା ଦିଆଯାଇଛି ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ନାୟକ କହିଛନ୍ତି ।

## ପାରାଦୀପରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଆରମ୍ଭ



ପାରାଦୀପ,(ପି.ଏନ): ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ୍ ଚିକିତ୍ସାଳୟରେ ଅତ୍ୟାଧୁନିକ ଟିବି ରୋଗ ଚିହ୍ନଟ ଯନ୍ତ୍ର ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଏହି ଯୋଜନାରେ ସ୍ଥାପନ କରାଯାଇଥିବା ଯନ୍ତ୍ର ଦ୍ୱାରା ତୁରନ୍ତ ଟିବି ରୋଗ ଚିହ୍ନଟ ହୋଇପାରିବ ବୋଲି ବୁଧବାର ଦିନ ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡା ଏବଂ ବନ୍ଦର ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା.ଏଲ୍. ପାଧୁରିଆଙ୍କୁ ଭେଟି ସୂଚନା ଦେଇଛନ୍ତି ଡିପିପିଏମ୍-ପ୍ରକଳ୍ପ ସଂଯୋଜକ ଏମ୍‌ଡି.ମକାର ଅଲ୍ଲି, ଏସ୍.ଟି.ଏସ୍. ଏସଡି.ଅମିନୁଲ ଇସଲାମ୍,ଟିବିଏଚଭି ସୌମିତ୍ର କୁମାର ସ୍ୱାଇଁ ଏବଂ ଜାପିଗୋ କାର୍ଯ୍ୟକ୍ରମ ସଂଯୋଜକ ଅଭିଶେକ ରୟ । ପାରାଦୀପ ବନ୍ଦର ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କ ମଧ୍ୟରେ ଯଦି ସେହିଭଳି ଲକ୍ଷଣ ଦେଖାଯାଏ ତେବେ ସେମାନଙ୍କୁ ତୁରନ୍ତ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ୍ ଚିକିତ୍ସାଳୟକୁ ପଠାଇବାକୁ ସେମାନେ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପଣ୍ଡାଙ୍କୁ ନିବେଦନ କରିଥିଲେ । ସେଠାରେ ମାଗଣାରେ ସେମାନଙ୍କୁ ଚିକିତ୍ସା ପ୍ରଦାନ କରାଯିବା

## ଇଫକୋ ପକ୍ଷରୁ ଦିନିକିଆ ପ୍ରଶିକ୍ଷଣ ଓ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ








ପାରାଦୀପ,(ପି.ଏନ):ଇଣ୍ଡିୟାନ ଫାର୍ମର୍ସ୍ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ ବିଶ୍ୱର ସର୍ବବୃହତମ ସମବାୟ ସଂସ୍ଥା ଇଫକୋରେ କୃଷକମାନଙ୍କ ଦ୍ୱାରା ଓ କୃଷକ ମାନଙ୍କର ଉନ୍ନତି ପାଇଁ ସଦା ସର୍ବଦା କାମ କରିଥାଏ । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ (ଇଫକୋ ସ୍ୱର୍ଣ୍ଣ ଜୟନ୍ତୀ ସଭାଗୃହ ) ଇଫକୋ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ଏକ ଦିନିକିଆ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଉଦଘାଟନ କରିଥିଲେ ଯୁଗ୍ମ ସାଧାରଣ ପରିଚାଳକ ଏଭି.ମହୁଆ ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋଡେଟ୍‌ର ଅଧ୍ୟକ୍ଷ କୁଳମଣି ମାଝୀ, ଏସ୍.କେ.ଜେନା (ବରିଷ୍ଠ ପ୍ରବନ୍ଧକ ପ୍ରଶିକ୍ଷଣ), ଇଫକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏବଂ ଓଡିଶା ସରକାରଙ୍କ କୃଷି ବୌଜ୍ଞାନିକ ଅରବିନ୍ଦ ସାହୁ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେ ଜଗତସିଂହପୁର, କେନ୍ଦ୍ରାପଡା ଓ କଟକ ଜିଲ୍ଲାର ଚାଷୀମାନେ ଯୋଗ ଦେଇଥିଲେ । ଏଥିରେ ବଡ ବେତରା ସମବାୟ ସମିତି ଗରଦପୁର ବ୍ଲକରୁ ଯୁବ ଚାଷୀମାନେ ଭାଗ ନେଇଥିଲେ । ଏଥିରେ ଇଫକୋ ନାନେ ଫର୍ଟିଲାଇଜର ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଇଫକୋ ସଦାସର୍ବଦା ଚାଷୀମାନଙ୍କ ଉନ୍ନତି ପାଇଁ କାମ କରିଆସିଅଛି । ଏହିକ୍ରମରେ ଇଫକୋ ଏବଂ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ରିହାତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଇପକୋ ନାନେ ୟୁରିଆ ଓ ଡିଏପି ଯେତେ ଶିଘ୍ର ଯୋଗାଇ ଦିଆଯିବା ଚାଷୀମାନେ ଉପକୃତ ହେବେ ବୋଲି କହିଥିଲେ । ପରିଶେଷରେ ଚାଷିମାନେ ଇଫକୋ ପ୍ଲାଂଟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray